

# କୃଷ୍ଣ-ତତ୍ତ୍ୱ ୧

ଆଜି ...ସର୍ବଲୋକ ମହେଶ୍ୱର , ସର୍ବେଶ୍ୱର, ସର୍ବାତୀତ , ସର୍ବମୟ, ଅଚିନ୍ତ୍ୟ, ଅନନ୍ତ, ବିରୁଦ୍ଧ ଗୁଣ ଧର୍ମାଶ୍ରୟ, ଅଖିଳରସାମୃତ ସିନ୍ଧୁ , ନନ୍ଦନନ୍ଦନ, ରାଧାନାଥ , ଭଗବାନ ଶ୍ରୀକୃଷ୍ଣଙ୍କର ପ୍ରାକଟ୍ୟ ଦିବସ ଅଟେ |

ଏହି ଭୂତଳକୁ ....ଏହି ଭୂଲୋକକୁ ବିଶେଷ ରୂପରେ ଧନ୍ୟ କରିବା ପାଇଁ ଭଗବାନ ଶ୍ରୀକୃଷ୍ଣନଙ୍କର ଆଭିର୍ଭାବ ହୋଇ ଥିଲା | ଶ୍ରୀକୃଷ୍ଣ ମୂଳତଃ କେମିତି ଆମକୁ ଧନ୍ୟ କରିବାକୁ ଚାହାନ୍ତି? ନିଜର ନିରୁପମ ଲୀଳା ଆଉ ନିରୁପମ ମାଧୁରୀରୁ ସମସ୍ତ ପ୍ରାଣୀମାତ୍ରକୁ ଆକର୍ଷିତ କରିବାକୁ ଚାହାନ୍ତି|

ଏବେ ମୁ ଯାହା କହିବି ତାକୁ ଧ୍ୟାନପୂର୍ବକ ଶୁଣନ୍ତୁ | ଶ୍ରୀକୃଷ୍ଣ ଆନନ୍ଦମୟୀ, ପ୍ରେମମୟୀ, ସୌନ୍ଦର୍ଯମୟୀ ଆଉ ମଧୁରମୟୀ ଅଟନ୍ତି | ଠିକ ଅଛି ? ଏହି ଆନନ୍ଦମୟୀ, ପ୍ରେମମୟୀ, ସୌନ୍ଦର୍ଯମୟୀ ଆଉ ମଧୁରମୟୀ ଭଗବାନଙ୍କର ଯେଉଁ ଉପାସନା ଅଟେ, ଏହି ଉପାସନାର  ଯେଉଁ  ଭାବ ଅଟେ , ଯଦି ଏହା ହୃଦୟରେ ପ୍ରତିଷ୍ଠିତ ହୋଇ ଯାଏ , ତ ପ୍ରାଣୀର ଆନନ୍ଦର ଧାରା ଅଖଣ୍ଡିତ ହୋଇ ଯାଏ ଆଉ ସେ ଧନ୍ୟ ହୋଇ ଯାଇ ଥାଏ | ମୋତେ ଜଣା ଅଛି ଯେ ଏବେ ଆପଣ ବୁଝି ପାରିଲେ ନାହିଁ | କେହି ବି ନୁହେ |

ଶ୍ରୀକୃଷ୍ଣ କିଏ?

ଆନନ୍ଦମୟୀ, ପ୍ରେମମୟୀ, ସୌନ୍ଦର୍ଯମୟୀ ଆଉ ମଧୁରମୟୀ...| ଏହି, ଏହି ଭଗବାନ...ଆନନ୍ଦମୟୀ ଭଗବାନ, ପ୍ରେମମୟୀ ଭଗବାନ, ସୌନ୍ଦର୍ଯମୟୀ ଭଗବାନ ଆଉ ମଧୁରମୟ ଭଗବାନଙ୍କର  ଉପାସନାର  ଯେଉଁ  ଭାବ ଅଟେ , ଯଦି ଏହା ହୃଦୟରେ ପ୍ରତିଷ୍ଠିତ ହୋଇ ଯାଏ , ତ ପ୍ରାଣୀର ଆନନ୍ଦର ଧାରା ଅଖଣ୍ଡିତ ହୋଇ ଯାଏ!

ଆମେ ଜୀବ ଅଟନ୍ତି ..ଆମେ କଣ ଚାହାନ୍ତି? କଣ? ପ୍ରତିକ୍ଷଣ? ଶୋଇଲା ବେଳେ କିମ୍ବା ଛିଡା ହେଲା ବେଳେ? ଆମେ କଣ ଚାହାନ୍ତି? ଭଗବାନ କଣ ଚାହାନ୍ତି? ସଚ୍ଚିଦାନନ୍ଦ ! ଯାହା କିଛୁହା ଯାଉଛି ତାକୁ ଧ୍ୟାନପୂର୍ବକ ଶୁଣନ୍ତୁ ! ଏହା ନୁହେ ଯେ ଗୋଟିଏ କାନରୁ ଶୁଣିଲେ ଆଉ ବହୁତ ଥର ଶୁଣିଲେ ! ଆପଣ ଆନନ୍ଦ ର ଅପେକ୍ଷା କରନ୍ତି..."ସେ" ଆନନ୍ଦ ଅଟନ୍ତି ! ଆପଣ କଣ ଚାହାନ୍ତି? ଯେ କେହି  ମୋତେ ଭଲ ପାଏ, ମୋତେ ପ୍ରେମ କରେ....ଆମେ କଣ କହିଲୁ? ସେ ଆନନ୍ଦମୟ, ପ୍ରେମମୟ | "ସେ" ଆନନ୍ଦମୟୀ ଅଟନ୍ତି , ଯାହା ଆପଣ ଚାହାନ୍ତି "ସେ" ସେଇୟା ଅଟନ୍ତି | ଯଦି ଏହି କଥା ବୁଝିପାରୁଛନ୍ତି then the living entity will stop running from pillar to post in search of happiness...ତେବେ ଜୀବ ଆନନ୍ଦ ପାଇଁ ଗୋଟେଇ କକ୍ଷରୁ ଆଉ ଗୋଟେଇ କକ୍ଷ ଯିବା ଛାଡି ଦେବ |  କାହିଁକିନା ଯାହା ମୁ ଖୋଜୁଛି ସେ ତ ଏହା ହିଁ ଅଟନ୍ତି !

ଯେବେ ପର୍ଯନ୍ତ ଜୀବ ଏହି କଥା ନ ଜାଣିବ ଯେ ଭଗବାନ କିଏ ଆଉ ଆନନ୍ଦ କଣ , ତାର ଜୀବନ କେବଳ ଗୋଟେଇ ଗୁଞ୍ଜଳ ଭଳିଆ ହି ରହିବ | ସ୍ୱରଚିତ ଗୁଞ୍ଜଳ ! ଆପଣ କଣ ଚାହାନ୍ତି? କଣ? "ସେ" ସେହି ଅଟନ୍ତି! ଆପଣ କଣ ଚାହାନ୍ତି? ସେଇଟା ବି"ସେ" ଅଟନ୍ତି! କଣ ସବୁ ସମସ୍ୟାର ସମାଧାନ ହୋଇ ଗଲା? ହଁ !

ଏବେ ଏହା ଆନ୍ଦମୟ ଆଉ ପ୍ରେମମୟ ଭଗବାନଙ୍କର ପ୍ରାପ୍ତି କେମିତି ହୋଇ ଥାଏ? ଯଦି ଏହି ପ୍ରେମାନନ୍ଦ ଭଗବାନଙ୍କର ଉପାସନାଭାବ ହୃଦୟରେ ସ୍ଥାପିତ ହୋଇ ଯାଏ ତାହାଲେ..

**ତାନି ଶର୍ବାଣୀ ସଂୟମ୍ୟ ଯୁକ୍ତ ଆସିତ ମତପର |**
**ବଶେ ହି ୟସ୍ୟ ଇନ୍ଦ୍ରିୟାଣୀ ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତ || (ଗୀତା ୨.୬୧)**

ପ୍ରତିଷ୍ଠିତ .. ପ୍ରଜ୍ଞା...ପ୍ରଜ୍ଞା କଣ ? ବୁଦ୍ଧି! ବୁଦ୍ଧିରେ , ଚିତ୍ତରେ ଏହା ପ୍ରତିଷ୍ଠିତ ହୋଇ ଯାଏ ଯେ ସେ ମୋତେ ଦରକାର ଅଟନ୍ତି , ତାହାଲେ ପ୍ରାଣୀର ଅନନ୍ତ ଆନନ୍ଦର ଆସ୍ୱାଦନର ଆକାଂକ୍ଷା ତତ୍ କ୍ଷଣ ପୁର୍ଣ ହୋଇ ଥାଏ ଆଉ ଏହା ପରେ କେବେବି ଆଚ୍ଛାଦିତ ହୁଏ ନାହିଁ | ଆପଣ କୁହନ୍ତି ନା ଯେ ଏବେ ମୁ ଦୁଖି ଅଛି ଆଉ ଏବେ ସୁଖି ...ଆପଣଙ୍କର ତଥାକଥିତ ଆନନ୍ଦ ଭଙ୍ଗ ହୋଇ ଯାଏ | କହିଁକିନା ସେ ତଥାକଥିତ ହୋଇ ଥାଏ | ଆନନ୍ଦ ଏକ ଏମିତିଆ ବସ୍ତୁ ଅଟେ ଯାହା ଥରେ ମିଳିବା ପରେ ଖଣ୍ଡିତ ହୁଏ ନାହିଁ | ଆମେମାନେ  ମନରେ ଏହି ସୁଖର ଜାଲ   ବୁଣିଛନ୍ତି | ବଦ୍ଧ ଜୀବ ..., ମୁଁ ପ୍ରାରମ୍ଭରେ କଣ କହିଥିଲି? ବଦ୍ଧ ଜୀବଙ୍କର ଉପକାର କରିବା ପାଇଁ ଭଗବାନ ଶ୍ରୀକୃଷ୍ଣଙ୍କର ପ୍ରାକଟ୍ୟ ହୋଇ ଥାଏ!

ଏହି ବଦ୍ଧ ଜୀବ କଣ ହୋଇ ଥାଏ? ବଦ୍ଧ ଜୀବ ମାନେ conditioned living entity..ଏବେ ଏହା କଣ? ଯେଉଁ ମାନେ ନିଜ ସୁଖ ପାଇଁ ସର୍ତ୍ତ ଲଗେଇ ଥାଆନ୍ତି | ଏମିତି ହୋଇ ଗଲେ ମୁଁ ଖୁସି ହୋଇ ଯିବି ...ସେଇମିତି ହୋଇ ଗଲେ ମୁଁ ଖୁସି ହୋଇ ଯିବି

...ଆଉ ଏମିତି ଯଦି ନ ହୁଏ ତ ମୋର ଖୁସି ଲୋପ ହୋଇ ଯିବ | ଏହାକୁ ହି କୁହନ୍ତି conditioned living entity ବା ବଦ୍ଧ ଜୀବ |

ଆଉ ମୁକ୍ତ ଜୀବ କିଏ? ଯୋଉମାନେ ଏହି ସବୁ ମିଥ୍ୟା ଧାରଣାରୁ ମୁକ୍ତ ଥାଆନ୍ତି | ଯାହା ସତ୍ୟର ଧାରଣା ହୋଇ ଥାଏ ସେ ମାନେ ତାକୁ ଧାରଣ କରି ଥାଆନ୍ତି | ବାସ୍ତବିକ ଧାରଣା କଣ? ଭଗବାନ ଆନନ୍ଦମୟ, ପ୍ରେମମୟ ଆଉ ସୌନ୍ଦର୍ଯ୍ୟମୟ ଅଟନ୍ତି | ଆପଣଙ୍କର ଆଖି ପ୍ରତିକ୍ଷଣ କଣ ଦେଖେ? ଦୂରଦର୍ଶନରେ, ରାସ୍ତାରେ, ମଲରେ ...ଆପଣଙ୍କର ଆଖି କଣ ଦେଖିବା ପାଇଁ ଆତୁର? ସୁନ୍ଦରତାକୁ | ଆଉ "ସେ" ସୌନ୍ଦର୍ଯ୍ୟମୟ ଅଟନ୍ତି | ଆପଣ ଜୀବନରେ ଏମିତି କିଛି ଚାହାନ୍ତି ଯାହା ଆପଣଂକର ମନକୁ ହରି ନେବ | "ସେ" ସର୍ବମନୋହର ମଧୁରମୟ ଅଟନ୍ତି, ଆମରି ମନକୁ ପୁର୍ଣଭାବରେ ଆକର୍ଷିତ କରି ଦିଅନ୍ତି | ଯାହା ଆପଣ ଚାହାନ୍ତି ସେ ସବୁ ଶ୍ରୀକୃଷ୍ଣ ଅଟନ୍ତି | ଏହି କଥା ବୁଝିବାର ଅଛି |

ଏବେ କିଛି ଭକ୍ତମାନେ ଭାବୁ ଥିବେ ଯେ ଆମକୁ ଟିକିଏ-ଟିକିଏ ବୁଝିବାରେ ଆସୁଛି | ଆପଣମାନଙ୍କ ମଧରେ କିଛି ଭକ୍ତ ବୃନ୍ଦାବନ ଯାଇ ଥିବେ...କେବେ ମଙ୍ଗଳା ଆରତୀ ଯିବାର ଅବସର ପ୍ରାପ୍ତ ହୋଇଛି ? ସଭିଙ୍କୁ ହେଲା ନାହିଁ ? ଆଛା, ମଙ୍ଗଳାରେ କିଏ ଉପସ୍ଥିତ ଥିଲେ? ଟଣ୍ଡନଜି, କଣ ଆପଣ ମଙ୍ଗଳା ଦେଖି ଥିଲେ? ରାଧା-କୃଷ୍ଣଙ୍କର ମଙ୍ଗଳା ଆରତୀ? ଅସମ୍ଭବ! ତ୍ରିକାଳରେ ଏହା ହୋଇ ପାରିବ ନାହିଁ | ବସି ଯାଆନ୍ତୁ |

ରାଧା-କୃଷ୍ଣଙ୍କର ମଙ୍ଗଳା ତ ନନ୍ଦ-ଯଶୋଦା ବି ଦେଖି ପାରିବେ ନାହିଁ, ତେବେ ଏଇ ଟଣ୍ଡନ ସାହାବ କିମ୍ବା କେଉଁ ଦିଲ୍ଲିବାଲା ବା ଆମେରିକାବାଲା କେମିତି ସାକ୍ଷାତ୍କାର କରି ପାରିବେ? ଆପଣ ଜାଣନ୍ତି ଯେ ରାଧା-କୃଷ୍ଣଙ୍କର ଆରତୀ କେଉଁଠି ହୋଇ ଥାଏ? ଆମେ ଜାଣିଛନ୍ତି ଯେ ୪:୩0ରେ ହୁଏ ...ଶୁଣିଛନ୍ତି ନା? କେବେ ୪:00 ବେଳେ ..କେଉଁ କେଉଁ ବୃନ୍ଦାବନ ମନ୍ଦିରରେ ୫:00 ବେଳେ ବି ହୋଇ ଥାଏ..|

ଏହି ମଙ୍ଗଳା ଆରତୀ କେଉଁଠି ହୋଇ ଥାଏ ଜାଣିଛନ୍ତି? ଆପଣ ମଙ୍ଗଳା ଆରତୀରେ ଯାଆନ୍ତି ତ ଜାଣିଛନ୍ତି ଆପଣ କୁଆଡେ ଯାଉଛନ୍ତି? ମଂଗଲା ଆରତୀ ଯମୁନାତଟବର୍ତ୍ତୀ ନିକୁଞ୍ଜରେ ହୁଏ | ତେବେ କଣ ନିକୁଞ୍ଜରେ ନନ୍ଦବାବା ଆଉ ଯଶୋଦାମା କୁ ପ୍ରବେଶ ମିଳିପାରିବ? ନିକୁଞ୍ଜରେ? ସଖାଳେ ୪:୩0ରେ? ସେ ବିଳାସ ଉପରାନ୍ତ? ଅଧିକାର ବି ଅଛି? କେବେ ବି ନୁହଁ ! ଭଗବାନ ଶ୍ରୀକୃଷ୍ଣନଙ୍କର ନିତ୍ୟ ମାତା-ପିତାଙ୍କୁ ପ୍ରବେଶ ନିଷେଧ ଅଟେ! ଭଗବାନ ଶ୍ରୀକୃଷ୍ଣଙ୍କର ନିତ୍ୟ ସଖା- ମଧୁମଙ୍ଗଳ, ସୁବଳ, ସ୍ତୋକକୃଷ୍ଣ, ଉଜ୍ଜଲାଦି ସଖା ବି ଯାଇ ପାରିବେ ନାହିଁ! ତେବେ ମୁଁ ଆଉ ଆପଣ...ଆପଣ କେମିତି ଚାଲି ଗଲେ? ରାଧା-କୃଷ୍ଣଙ୍କର ମଙ୍ଗଳା କିଏ ଦେଖି ପାରିବ? କେବଳ ସଖି-ମଞ୍ଜରୀ ମାନେ!

**ସଖି ବିନା ଏଇ ଲୀଳା ପୁଷ୍ଟି ନାହିଁ ହୟ |**
**ସଖି ଲୀଳା ବିସ୍ତାରୀୟା, ସଖି ଅସ୍ୱାଦିୟା || (ଚୈତନ୍ୟ ଚରିତାମୃତ ମଧ୍ୟଲୀଳା ୮.୨୦୩)**

ସଖି-ମଞ୍ଜରିମାନେ ହି ମଙ୍ଗଳା ଆରତୀରେ ଯାଇ ପାରିବେ | ଯେବେ ପର୍ଯନ୍ତ ଆମର ଭଗବାନଙ୍କ ସାଙ୍ଗରେ ଗୂଢ଼ ସମ୍ବନ୍ଧ ହୋଇବ ନାହିଁ ତେବେ ପର୍ଯନ୍ତ ଆମେ ତାଙ୍କର ନିଜଜାଗାକୁ କେମିତି ଯାଇ ପାରିବା ? ସବୁଠୁ ଗୋପନୀୟ ଜାଗା କେଉଁଠି? ନିକୁଞ୍ଜ! କଣ ସମ୍ବନ୍ଧ ଅଭାବରେ ଆପଣଙ୍କୁ ପ୍ରବେଶ ପ୍ରାପ୍ତ ହୋଇ ପାରିବ ?

ଗୁରୁ ଯେବେ ଆପଣଙ୍କୁ ମନ୍ତ୍ର-ଦାନ କରନ୍ତି ତେବେ ଆମକୁ ସମ୍ବନ୍ଧ-ଜ୍ଞାନ ବି ଦିଅନ୍ତି - ଯେ ଆପଣ କିଏ ? ଭଗବାନ କିଏ ? ଶ୍ରୀକୃଷ୍ଣ ତ ଭଗବାନ ଅଟନ୍ତି କିନ୍ତୁ ଆପଣ କିଏ? ଆପଣ ଏଇଠି କଣ କରିବା ପାଇଁ ଆସିଛନ୍ତି? ଏଇଠି ବ୍ରହ୍ମା-ରୁଦ୍ର ନିଜ କଳ୍ପନାମାତ୍ରରେ ଆସି ପାରିବେ ନାହିଁ , ଆପଣ ଏଇଠି କଣ କରିବା ପାଇଁ ଆସିଛନ୍ତି? ଯଦି କେହି କହେ -'ମୁଁ ମଙ୍ଗଳା ଦେଖିବାକୁ ଆସିଛି' ଆଉ ରାଧା-କୃଷ୍ଣ ତାର ସମ୍ମୁଖ ଛିଡ଼ା ହୋଇଛନ୍ତି ..ଆଉ ପଚାରି ନିୟନ୍ତି - 'ତୁମେ କିଏ? ଏ ସଖି, ତୋର ୟୁଥେଶ୍ୱରୀ କିଏ?' କଣ ଉତ୍ତର ଦେବେ ଆପଣ?

ପ୍ରଥମ ପ୍ରଶ୍ନ - ' କେଉଁ ୟୁଥରୁ ତୁମେ?' ଆମର ୟୁଥେଶ୍ୱରୀ କିଏ? ଅନଙ୍ଗ ମଞ୍ଜରୀ! ସେ ପୁନଃ ପଚାରନ୍ତି - 'ତୋର ଗୁରୁମଞ୍ଜରୀ କିଏ ଲୋ ସଖି?' କିଛି ଜବାବ ନାହିଁ | ତେବେ ସମ୍ବନ୍ଧ ବିନା କେହି ବି ରାଧା-କୃଷ୍ଣଙ୍କର ନିକୁଞ୍ଜରେ ହେଉ ଥିବା ମଙ୍ଗଳାରେ ଉପସ୍ଥିତ ହୋଇ ପାରିବ ନାହିଁ ...ଆଉ ଆପଣ ପ୍ରବେଶ କରୁଛନ୍ତି? କଣ ଦେଖୁଛନ୍ତି ଆପଣ? ରାଧା-କୃଷ୍ଣଙ୍କୁ ...ଆପଣ କଣ ଭାବୁଛନ୍ତି? କଣ ଦେଖୁଛନ୍ତି? ବର୍ମା, ଶର୍ମା, ଟଣ୍ଡନ, ଅଗ୍ରୱାଲ..ଏଇ ମାନେ କେବେ ବି ଦେଖି ପାରିବେ ନାହିଁ! ତେବେ ଆପଣଙ୍କୁ କଣ ଭାବିବାର ଅଛି? ମୁ କିଏ? ମୁଁ ସଖି ଅଟେ, ମଞ୍ଜରୀ ଅଟେ | ତେବେ ହି ମୁଁ ମଙ୍ଗଳାର ଦର୍ଶନ କରି ପାରୁଛି! ଆଉ ମଙ୍ଗଳା କେଉଁଠି ହେଉଛି? ଯମୁନାର ତଟରେ ସ୍ଥିତ ନିକୁଞ୍ଜରେ ମଙ୍ଗଳା ଅରାତୀକ ହେଉଛି ଆଉ ଆପଣଙ୍କୁ ନିଜ ସଖି ସ୍ୱରୂପରେ ରହିବାର ଅଛି |

ଆଉ ଅପଣଙ୍କର ଦୃଷ୍ଟି କେମିତିକା ହେବା ଦରକାର? ଆପଣ ନିଜ ସ୍ତ୍ରୀକୁ ଯେବେ ଦେଖନ୍ତି, ତ କିଛି ଭାବନାର ସାଙ୍ଗରେ ଦେଖନ୍ତି ନା? ନିଜ ଝିଅକୁ ବି କିଛି ଭାବରେ ଦେଖନ୍ତି ? ନିଜ ମାକୁ ଭିନ୍ନ ଭାବରେ ଦେଖନ୍ତି? ତେବେ ଯେବେ ପର୍ଯନ୍ତ ଆପଣଙ୍କର କିଛି ଭାବ ହେବ ନାହିଁ ତ ଆପଣ କଣ ଦେଖିବେ ଆଉ କେଉଁ ସେବା କରି ପାରିବେ? ଆଉ ଭକ୍ତିର ତାତ୍ପର୍ଯ୍ୟ କଣ? ପ୍ରେମମୟୀ ସେବା! ପ୍ରେମ କରିବା ପୂର୍ବରୁ ଆପଣଙ୍କର ସମ୍ବନ୍ଧ ହେବା ଦରକାର | ଆଉ ଏହି ସମ୍ବନ୍ଧ ଭଗବାନଙ୍କ ସାଙ୍ଗରେ ଆମର ଗୁରୁବର ସ୍ଥାପିତ କରି ଥାଆନ୍ତି | ଏହି ମଙ୍ଗଳା ଆରତୀ କିଛି ଛୋଟ କଥା ନୁହେ...ଆପଣଙ୍କୁ ରାଧା-କୃଷ୍ଣଙ୍କର ମଙ୍ଗଳା ଦେଖିବାର ଅଛି!

ଭଗବାନ ଶ୍ରୀକୃଷ୍ଣଙ୍କର ଚାରି ପ୍ରକାରର ମିତ୍ର ଅଛନ୍ତି:
* ଗୋଟିଏ ସମୂହ 'ସଖା' ମାନଙ୍କ ଅଟେ
* ଏହା ପରେ ସୁହୃଦ ସଖାମାନେ
* ପୁଣି ପ୍ରିୟ ସଖା
* ଆଉ ପୁଣି ପ୍ରିୟ-ନର୍ମ-ସଖା

ଏବେ ଯେ ସୁହୃଦ ସଖା ହୁଅନ୍ତି...., ସେ ଚାରି ପ୍ରକାରର ହୁଅନ୍ତି...ଗୋଟିଏ ପ୍ରକାରର ସଖା ନିଜକୁ ଭଗବାନ କୃଷ୍ଣଙ୍କଠାରୁ ବଡ଼ ମାନନ୍ତି, ଭଗବାନଙ୍କ ପ୍ରତି ତାଙ୍କର ଟିକେ ବାତ୍ସଲ୍ୟ ଭାବ ରହି ଥାଏ | ଭଗବାନଙ୍କର ରକ୍ଷକ ହୋଇ ଥାଆନ୍ତି ନା? ଯେମିତି ବଳଭଦ୍ର ! ଏହା ଯେ "ତୁ ମୋଠାରୁ ଛୋଟ!" | ଏମିତି ଭାବ ଯାହାଙ୍କର ହୋଇ ଥାଏ ସେ ସୁହୃଦ ସଖା ହୁଅନ୍ତି |

ପୁଣି ଏମିତି ସଖା ବି ହୁଅନ୍ତି ଯେ ନିଜକୁ ଶ୍ରୀକୃଷ୍ଣଙ୍କଠାରୁ ଛୋଟ ମାନିଥାଆନ୍ତି, ତେବେ ତାଙ୍କର ଭାବରେ ଦାସ୍ୟର ଗନ୍ଧ ଆସିଥାଏ |

ଆଉ ଗୋଟିଏ ସଖା ହୁଅନ୍ତି - ପ୍ରିୟ ସଖା! ସେ କିଏ ହୁଅନ୍ତି? ଏହି ମାନେ ଶ୍ରୀକୃଷ୍ଣଙ୍କୁ ନିଜ ସମାନ ଦେଖି ଥାଆନ୍ତି | "ଏ ବସ, ଚାଲ! ଘୋଡା ବନ!" କାହାକୁ କହୁଛନ୍ତି ଘୋଡା ବନିବାକୁ? ଯାହାର ଚରଣକମଳର ଧୂଳି ପାଇବା ପାଇଁ ବ୍ରହ୍ମା-ରୁଦ୍ର କୋଟି ବର୍ଷର ତପସ୍ୟା ପରେ ବି ପ୍ରାପ୍ତ କରି ପାରନ୍ତି ନାହିଁ! ଏମିତି ଭଗବାନଙ୍କୁ ସେ କଣ କହୁଛନ୍ତି? "ଚାଲ ଘୋଡା ହୁଅ!" ଆଉ ତାଙ୍କୁ ପ୍ରେମପ୍ରଭାବରୁ ଘୋଡା ବନିବାକୁ ପଡିଥାଏ | କାହିଁକି? କାହିଁକିନା ଶ୍ରୀକୃଷ୍ଣଙ୍କର ଭକ୍ତ-ବଶ୍ୟତା ସବୁଠୁଁ ଅଧିକ| ଭଗବାନ ଭକ୍ତିର ବଶୀଭୂତ ହୋଇ ଥାଆନ୍ତି, ବୁଝିଲେ? କେବେ ଆପଣ ଭଗବାନ ନରସିଂହଙ୍କୁ କହି ପାରିବେ ଯେ 'ଚାଲ ଘୋଡା ବନ'? ଆପଣଙ୍କ ମୁହଁରେ ଘୋଡା ବନି ଯିବେ! ଭଗବାନ ରାମକୁ ବୋଲି ପାରିବେ - 'ଘୋଡା ବନ'?

ଏଥିଲାଗି ମୁଁ ପୁର୍ବରୁ ହି କହିଥିଲି - ଶ୍ରୀକୃଷ୍ଣ ଅଖିଳରସମୃତସିନ୍ଧୁ ଅଟନ୍ତି | ଆପଣ ତାଙ୍କ ସାଙ୍ଗରେ ଯେଉଁ ସମ୍ବନ୍ଧ ସ୍ଥାପିତ କରିବାକୁ ଚାହାନ୍ତି, ଆପଣ କରି ପାରନ୍ତି! କିନ୍ତୁ ସମ୍ବନ୍ଧ ଅତୁଟ ହେବା ଦରକାର | ଅତୁଟ ...ନକଲି ନୁହେ | ହୃଦୟରୁ ସମ୍ବନ୍ଧ ସ୍ଥାପିତ ହେବା ଦରକାର | ସେ ଆପଣଙ୍କ ସାଙ୍ଗରେ ସବୁ ପ୍ରକାରର ସମ୍ବନ୍ଧ ସ୍ଥାପିତ କରିବାକୁ ଚାହନ୍ତି, ଆପଣ 'ହଁ '! ତେବେ କୁହନ୍ତୁ ...ଆପଣ କେଉଁ ଭାବରେ ପ୍ରତିଷ୍ଠିତ ଅଛନ୍ତି? କେଉଁ ଭାବରେ ପ୍ରତିଷ୍ଠିତ ହୋଇ ଆପଣ ଶ୍ରୀକୃଷ୍ଣଙ୍କ ଦର୍ଶନ କରିବାକୁ ଚାହନ୍ତି? ଯଦି ସଖା ବି ହେବାକୁ ଚାହନ୍ତି ତ ଠିକ ଭାବରେ ଜାଣନ୍ତୁ ଯେ କେଉଁ ସଖା ହେବାକୁ ଚାହାନ୍ତି |

ଆଉ ଗୋଟିଏ ପ୍ରକାରର ସଖା ହୁଅନ୍ତି - ପ୍ରିୟନର୍ମ ସଖା | ଏହି ମାନେ କିଏ? ଏହି ମାନେ ଶ୍ରୀକୃଷ୍ଣଙ୍କର ଗୋପୀମାନଙ୍କ ସାଙ୍ଗରେ ଅତ୍ୟନ୍ତ ଗୋପନୀୟ କଥା-ବାର୍ତ୍ତା, ସମାଗମ  ଆଉ ଚ଼ିଠି ଆଦି ର ଆଦାନ-ପ୍ରଦାନ କରନ୍ତି | ପ୍ରିୟନର୍ମ ସଖାମାନଙ୍କ କାର୍ଯ୍ୟକଳାପ ସଖା, ସୁହୃଦ ସଖା କିମ୍ୱା ପ୍ରିୟ ସଖାମାନଙ୍କୁ ଜଣା ହୋଇ ନ ଥାଏ, ଆଉ ସେ ମାନେ ନିଜ ଭାବରେ ପ୍ରତିଷ୍ଠିତ ହୋଇ ଥାଆନ୍ତି |

ଭଗବାନଙ୍କ ସାଙ୍ଗରେ କେବଳ ଗୋଟିଏ ପ୍ରକାରର ଭାବ ସ୍ଥାପିତ କରା ଯାଇ ପାରେ | ନିଶ୍ଚୟ କରି ନିଅନ୍ତୁ | ବହୁତ ଥର ଲୋକ ପଚାରନ୍ତି - "ଆପଣଙ୍କର ଭଜନ କେମିତି ଚାଲିଛି?" ଆପଣ ଜାଣନ୍ତି କି ଭଜନ କଣ? କଣ ଆପଣ ଜାଣନ୍ତି ଭଜନ କଣ? ଯଦି କିଏ କୋଡିଏ ବର୍ଷରୁ ମଙ୍ଗଳା-ଆରତୀ କରୁଛି, ତେବେ କଣ ସେ ଭଜନ କରୁଛି? ଭଜନ ମାନେ ମୋର ଭଜନୀୟ ସାଙ୍ଗରେ, ଯାହାର ମୁଁ ଭଜନ କରୁଛି, ତାଙ୍କ ସାଙ୍ଗରେ ମୋର ଯେଉଁ ସମ୍ବନ୍ଧ ତାର ନିଶ୍ଚୟ ମୁ କରିଥାଏ | ଏହି କଥା ଆପଣଙ୍କ ଉପରେ ଯେ ଆପଣ କେଉଁ ସମ୍ବନ୍ଧ ସ୍ଥାପିତ କରିବାକୁ ଚାହନ୍ତି, କିନ୍ତୁ ଗୋଟିଏ ଥର ନିଶ୍ଚୟ କରିବା ପରେ ଆପଣ ଯେଉଁ-ଯେଉଁ କାର୍ଯ୍ୟ କରନ୍ତି- ମାଳା, ଅଧ୍ୟୟନ, ସାଧୁସଙ୍ଗ, ସେବା ଆଦି- ତାକୁ ଭଜନ କୁହା ଯାଇ ଥାଏ |

କେବଳ ମଙ୍ଗଳାରେ ଟଣ୍ଡନ, ଅଗ୍ରୱାଲ, ଶର୍ମା,ରବି, ବର୍ମା, ଗୁପ୍ତ ଆଦିର ଛିଡା ହୋଇ ଯିବା ଭଜନ ହୋଇ ନ ଥାଏ! ବୁଝି ପାରୁ ଛନ୍ତି? ଆପଣଙ୍କୁ ଛିଡା ହେବା ଦରକାର ନାହିଁ..ଆପଣ ନିଜ ଭାବ  ସାଙ୍ଗରେ ଛିଡା ହୁଅନ୍ତୁ |ଏଥି ଲାଗି ଚୈତନ୍ୟ-ଚରିତାମୃତରେ ମହାପ୍ରଭୁ କହୁଛନ୍ତି -" ଅତେବ ଗୋପୀ ଭାବ କରି ଅଂଗୀକାର"! ଭାବ ଅଂଗୀକାର କରି ବିନା ଆମର ଭଗବାନଙ୍କ ସାଙ୍ଗରେ ସମ୍ବନ୍ଧ ସ୍ଥାପିତ କରି ପାରିବେ ନାହିଁ ...ଆଉ ଯଦି ଆପଣ ରାଧା-କୃଷ୍ଣଙ୍କ ଗୁହ୍ୟତମ ନିକୁଞ୍ଜ-ଲୀଳା, ନିଭୃତ ନିକୁଞ୍ଜରେ ସ୍ଥାନ ଚାହାନ୍ତି ତେବେ

**ଅତେବ <u>ମଞ୍ଜରିଭାବ</u> କରି ଅଂଗୀକାର |**
**ରାତ୍ରିଦିନେ ଚିନ୍ତି କରି ରାଧା-କୃଷ୍ଣର ବିହାର ||**
**ସିଦ୍ଧ ଦେହେ ଚିନ୍ତି କରି ତାହାଇ ସେବନ |**
**ସଖି ଭାବେ ପାଏ ରାଧା-କୃଷ୍ଣେର ଚରଣ || ( ଚୈତନ୍ୟ-ଚରିତାମୃତ ମଧ୍ୟଲୀଳା ୮.୨୨୮,୨୨୯)**

ନିକୁଞ୍ଜରେ ସ୍ଥାନ ପାଇଁବାକୁ ଚାହଁ? ରାଧା-କୃଷ୍ଣଙ୍କର ଗୁହ୍ୟତମରୁ ଗୁହ୍ୟତମ ଲୀଳା ଦେଖିବାକୁ ଚାହଁ? ତେବେ କେଉଁ ବାସ୍ତବିକ ମହାପୁରୁଷଙ୍କ ଠାରୁ ଦୀକ୍ଷା ଗ୍ରହଣ କରି ତାଙ୍କସାଙ୍ଗରେ ନିଜ ସମ୍ବନ୍ଧ ସ୍ଥାପିତ କରନ୍ତୁ | ଯେବେ ଆପଣଙ୍କୁ ଦୀକ୍ଷା ପ୍ରାପ୍ତ ହେବ ତେବେ ଆପଣଙ୍କୁ ସାଧନା-ଅଧିକାର ପ୍ରାପ୍ତ ହେବ | କଣ? ସାଧନାର ଅଧିକାର? ଯେ ଆପଣ ନିଜକୁ ମଞ୍ଜରୀ ମାନିକରି ରାଧା-କୃଷ୍ଣଙ୍କର ସେବା କରି ପାରନ୍ତି |

ତେବେ ସଖା ଚାରି ପ୍ରକାରର ହୁଅନ୍ତି ... ଯଦି ଆପଣ ସଖା ବନିବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ଜାଣିବାକୁ ହେବ ଯେ କେଉଁ ସଖା | ଆଉ ଯଦି ସଖି ବନିବାକୁ ଚାହାଁନ୍ତି ...କୁହନ୍ତୁ ଯେମିତି ମଞ୍ଜରୀ | ଯେବେ ରାଧା-କୃଷ୍ଣଙ୍କର ଦର୍ଶନ ହୁଏ ତେବେ କଣ ସବୁ ସଖୀମାନେ ଗୋଟିଏ ଦୃଷ୍ଟିରେ ତାଙ୍କୁ ଦେଖନ୍ତି? ଯଦି ତାଙ୍କର ଯୋଗପୀଠରେ ଦର୍ଶନ ହେଉଛି କିମ୍ୱା କେଉଁ ଅନ୍ୟ ସ୍ଥଳରେ, ତେବେ କଣ ସମସ୍ତ ସଖିବୃନ୍ଦ କେବଳ ଗୋଟିଏ ଭାବରେ ତାଙ୍କର ଦର୍ଶନ ପାଆନ୍ତି?

ଯେମିତି ସଖା ବହୁତ ପ୍ରକାରର ହୁଅନ୍ତି, ସେମିତି  ସଖିଗଣ ବି ବହୁତ ପ୍ରକାରର ହୁଅନ୍ତି :
* କିଛି ସଖି ମାନେ କୃଷ୍ଣସ୍ନେହାଧିକା ହୁଅନ୍ତି, ଯାହାଙ୍କର ରାଧାଙ୍କଠାରୁ କୃଷ୍ଣଙ୍କ ପାଇଁ ବେଶି ପ୍ରେମ ହୋଇ ଥାଏ |
* କିଛି ସଖି ସମ-ସ୍ନେହା ହୁଅନ୍ତି , ଯାହାଙ୍କ ମନରେ ରାଧା-କୃଷ୍ଣଙ୍କ ପାଇଁ ସମାନ ସ୍ନେହ ହୋଇ ଥାଏ |
* କିଛି ସଖି ମାନେ ରାଧାସ୍ନେହାଧିକା ହୁଅନ୍ତି - ଏହା ସବୁ ମଞ୍ଜରୀ ହୁଅନ୍ତି | ଏମାନଙ୍କର ସର୍ବସ୍ୱ ରାଧାରାଣୀ ଅଟନ୍ତି, ଏମାନଙ୍କର ପ୍ରାଣ ରାଧିକା! ବୁଝି ପାରୁଛନ୍ତି ତ?

ଯଦି ଆପଣ ଭଗବାନଙ୍କ ସାଙ୍ଗରେ ସମ୍ବନ୍ଧ ସ୍ଥାପିତ କରିବାକୁ ଚାହାଁନ୍ତି, ସଖା ରୂପରେ ବି, ତେବେ ଯେଉଁ ସଖା-ଭାବର ସମ୍ବନ୍ଧ ସ୍ଥାପିତ କରିବାକୁ ଚାହାନ୍ତି ତାର ଚିନ୍ତନ ରାତି-ଦିନ କରିବାକୁ ପଡିବ...ମୁଁ ଭଗବାନଙ୍କର ଏହି ରୂପରେ ସଖା ଅଟେ | ଆଉ ଯଦି ମୁଁ ସଖି ଅଟେ ତେବେ କେଉଁ ରୂପ ରେ? କୃଷ୍ଣସ୍ନେହାଧିକା, ସମସ୍ନେହା କିମ୍ବା ରାଧାସ୍ନେହାଧିକା? ସେଇ ରୂପରେ ମୋତେ ଚିନ୍ତନ କରିବାର ଅଛି ଆଉ ସେଇ ଭାବରେ ମୁ ମଙ୍ଗଳାର ଦର୍ଶନ କରିବି |

ଯେଉଁମାନେ ସମସ୍ନେହା ହୁଅନ୍ତି, ସେ ଦୁଇଙ୍କୁ ପ୍ରେମଚକ୍ଷୁରେ ଦେଖନ୍ତି | ଆଉ ଆମ ମଞ୍ଜରୀମାନଙ୍କ ସବୁ ଧ୍ୟାନ କେଉଁଠି ହୋଇ ଥାଏ? କେବଳ କିଶୋରୀଜୁଙ୍କ ଆଡକୁ |

ଆଉ ସଖା?

**ରାଧା-କୃଷ୍ଣେର ଲୀଳା ଏହା ଅତି ଗୁଢତର |**
**<u>ଦାସ୍ୟ-ବାତ୍ସଲ୍ୟାଦି ଭାବେ ନ ହୋଏ ଗୋଚର</u> || (ଚୈତନ୍ୟ-ଚରିତାମୃତ ମଧ୍ୟଲୀଳା ୮.୨୦୧)**

ସଖାମାନଙ୍କୁ ଏହି ଲୀଳାର ଦର୍ଶନ ଦୁର୍ଲଭ! ତେବେ ଗୋଟିଏ ଦୃଷ୍ଟିକୋଣରୁ ଏହା ବଦ୍ଧଜୀବଙ୍କର ଭାଗ୍ୟ ନନ୍ଦ-ଯଶୋଦାଙ୍କଠାରୁ ଅଧିକ, କାହିଁକିନା ତାଙ୍କୁ ନିକୁଞ୍ଜରେ ପ୍ରବେଶ ପ୍ରାପ୍ତ ହୋଇଛି | ନାଳିରେ ଭାସୁଥିବା କଳିଯୁଗର ଜୀବ ରାଧା-କୃଷ୍ଣଙ୍କର ନିକୁଞ୍ଜ-ଲୀଳାରେ ପ୍ରବେଶମାନ ହୋଇ ଛନ୍ତି ! ଏଥି ଲାଗି ଏହି ଯୁଗକୁ ମହାପ୍ରଭୁଙ୍କର ପ୍ରେମଦାନଯୁଗ କୁହା ଯାଇଛି | ସବୁଠାରୁ ପତିତକୁ ସର୍ବୋଚ୍ଚ ବସ୍ତୁ ନିଃସଙ୍କୋଚ ହୋଇ ପ୍ରଦାନ କରିଛନ୍ତି!

କିଛି ଦିନି ପୁର୍ବୁରୁ ଆମେ ବ୍ରଜରେ ଥିଲେ | ସେତେବେଳେ ଏହି ମହାଶୟଙ୍କୁ ଗୋଟିଏ ସଙ୍ଘର ସନ୍ୟାସୀ ମିଳିଥିଲେ..ଆଉ ସେ କୋଡିଏ-ତିରିଶି ବର୍ଷରୁ ସନ୍ୟାସୀ ହୋଇ ସାରିଲେଣି | ଏହି ମହାଶୟ କହିଲେ ଯେ ମୁଁ  ପୂର୍ଣରୂପରେ ରାଧା-କୁଣ୍ଡର ଆଶ୍ରୟ ନେଇ ସାରିଛି | ଆଉ ସେ ସନ୍ୟାସୀ ଆଙ୍କୁ କହିଲେ - "ମୁଁ ତ ଜାଣେ ନା ମୁଁ କଣ କରିବି ..କେବେ ମୁଁ ନିଜକୁ ସଖା ମାନି ନିଏ, କେବେ ସଖି ମାନି ନିଏ ଆଉ କେବେ-କେବେ ମଞ୍ଜରୀ ମାନି ନିଏ | ତେବେ ମୋତେ ଠିକ ଭାବରେ ଜଣା ନାହିଁ ଯେ ମୁଁ କିଏ | କାହିଁକିନା ମୋର ଗୁରୁ ନାହାଁନ୍ତି |" ସେ ସନ୍ୟାସୀ ଏହା କୁହୁଥିଲେ...କିନ୍ତୁ ତାଙ୍କର ଗୁରୁ ଜୀବିତ ଅଛନ୍ତି | ଆଉ ଏହି କଥା ଶୁଣି ମୋର ହୃଦୟ ଫାଟି ଗଲା!  ତିରିଶି ବର୍ଷ ପରେ ବି ସେ ଜାଣିନାହାଁନ୍ତି ଯେ ଆରମ୍ଭ କେଉଁଠାରୁ କରିବାର ଅଛି! ଯଦି ଆପଣଙ୍କୁ ଜଣା ନାହିଁ ଯେ ଆପଣଙ୍କର ଭାବ କଣ, ତେବେ ଆପଣ ଭଜନରେ ଅଗ୍ରସର କେମିତି ହୋଇ ପାରିବେ?

ଆଦୌ ଶ୍ରଦ୍ଧା, ପୁଣି ସାଧୁସଙ୍ଗ, ପୁଣି ଭଜନକ୍ରିୟା, ପୁଣି ଅନର୍ଥନିବୃତ୍ତି, ପୁଣି ନିଷ୍ଠା...ନିଷ୍ଠା କଣ? ନିଷ୍ଠା କଣ ଅଟେ? ଭଜନରେ ନିଷ୍ଠା! ପ୍ରଥମେ ଭଜନ ଜାଣିବା ଦରକାର ନା, ତାହାଲେ ହି ତ ନିଷ୍ଠା ଉଦ୍ଭତ ହୋଇ ପାରିବ! ଏବେ ପର୍ଯନ୍ତ ଆପଣ ନିଜ ଭାବକୁ ହି ଜାଣି ପାରି ନାହାନ୍ତି, ତ ନିଷ୍ଠା ଅତି ଦୂରର କଥା! ପ୍ରେମ କଥା ତ ଛାଡି ଦିଅନ୍ତୁ |

ଭଗବାନଙ୍କ ସାଙ୍ଗରେ ଆମେ କିଛି ବି ସମ୍ବନ୍ଧ ସ୍ଥାପିତ କରି ପାରିବା,

**ୟେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ତଥୈବ ଭଜାମୀ ଅହଂ |**
**ମମ ବର୍ତ୍ତମାନୁବର୍ତ୍ତନ୍ତେ ମନୁଷ୍ୟ ପାର୍ଥ ସର୍ବଶଃ || (ଗୀତା ୮.୧୧)**

*'ୟେ ଯଥା ମାଂ ପ୍ରପଦ୍ୟନ୍ତେ*', ଯେଉଁ ଭକ୍ତ ଯେଉଁ ଭାବନା ସହିତ ମୋର ଶରଣାଗତ ହୁଏ, ମୁଁ ସେଇ ଭାବରେ ତାର ପୋଷଣ କରି ଥାଏ | ସଖା ଭାବରେ ବି, ପ୍ରିୟସଖା ଭାବରେ ବି! ବହୁତ ଭକ୍ତ ନିଜକୁ ଭଗବାନ ରାମଙ୍କର ପିଉସୀ ମାନି ଥାଆନ୍ତି, ଆଉ ସେଇ ଭାବନାର ଧ୍ୟାନ-ଭଜନ କରିତାଙ୍କୁ ସିଦ୍ଧି ବି ମିଳି ଥାଏ | ତେବେ ଆମକୁ ଗୋଟିଏ ଭାବନାରେ ସିଦ୍ଧ ହେବାର ଅଛି |

ସିଦ୍ଧି କଣ? ସିଦ୍ଧି ମାନେ ଭାବର ସିଦ୍ଧି | ପ୍ରଥମେ ଆପଣଙ୍କୁ ଗୋଟିଏ ଭାବକୁ ଧରିବାର ଅଛି ଆଉ ପୁଣି ସେଇ ଭାବର ମହାପୁରୁଷଙ୍କଠାରୁ ଦୀକ୍ଷା ଗ୍ରହଣ କରି ଭଜନ କରିବାର ଅଛି |

ଏବେ ରାଧା-କୃଷ୍ଣଙ୍କର ପାଖରେ ସବୁ ସଖୀମାନେ ଛିଡା ହୋଇ ଛନ୍ତି, ତେବେ କଣ ସବୁ ସଖି ଗୋଟିଏ ଭାବରେ ଯୁଗଳଙ୍କୁ ଦେଖୁଛନ୍ତି? ଆମେ ମଞ୍ଜରୀମାନେ ତ ବିଲକୁଲ ଭିନ୍ନ ଭାବରେ ଦର୍ଶନ କରନ୍ତି | କାହିଁକି? କାହିଁକି ନା ଆମର ପ୍ରାଣେଶ୍ଵରୀ କିଏ ଅଟନ୍ତି? ରାଧାରାଣୀ! ପରନ୍ତୁ ସବୁ ସଖୀଙ୍କର ନୁହିଁ | କିଛି ଶଖିଗଣ ସମସ୍ନେହା ହୁଅନ୍ତି | ଯଦି ଆପଣ ସଖି ବି ହେବାକୁ ଚାହାଁନ୍ତି ତେବେ ଠିକ ଭାବରେ ଜାଣି ନିଅନ୍ତୁ ଯେ କେଉଁ ସଖି ହେବାକୁ ଚାହାଁନ୍ତି |

ଆଉ ଆପଣଙ୍କର ଏହି ଅହଂକାର ନିତ୍ୟ ଅହଂକାର ହେବ, ନିତ୍ୟ ଅହଂକାର | ଏହାକୁ 'ଶାଶ୍ଵତ ଅହଂଭାବ' କୁହା ଯାଏ...ଆପଣଂକର ନିତ୍ୟ ଅହଂକାର କଣ? ମୁଁ ରାଧାରାଣୀଙ୍କ କିଂକରି ଅଟେ, ରାଧାରାଣୀଙ୍କ ସଖି ଅଟେ | ଏହି ଭାବ, ଏହି ଅହଂକାରକୁ ପୁଷ୍ଟ କରିବାକୁ ପଡିବ | ଆଉ ଏବେର ଅହଂକାର ଯେ ମୁଁ ଟଣ୍ଡନ, ମୁଁ ରବି, ମୁଁ ସୁମନ, ମୁଁ କବିତା..ଏହା ସବୁ ମିଥ୍ୟା ଅହଂକାର | ମିଥ୍ୟା ଅହଂକାରକୁ ନଷ୍ଟ କରନ୍ତୁ ଆଉ ବାସ୍ତବିକ ଅହଂକାରର ପ୍ରତିଷ୍ଠାପନା କରନ୍ତୁ | ଏହା ପ୍ରକ୍ରିୟାକୁ ଭକ୍ତି କୁହା ଯାଏ | କିଏ ପଚାରେ ଯେ ଭକ୍ତି କଣ? ଭଗବାନଙ୍କ ସାଙ୍ଗରେ ଯେଉଁ ସମ୍ବନ୍ଧ ଅଟେ ତାକୁ ହୃଦୟରେ ପ୍ରତିଷ୍ଠିତ କରିବା |

ଗୌରାଙ୍ଗ ମହାପ୍ରଭୁଙ୍କ ଲୀଳାରେ ମୁରାରୀ ଗୁପ୍ତ ଭଗବାନ ରାମଙ୍କର ପରମ ଭକ୍ତ ହନୁମାନ ଅଟନ୍ତି | ମୁରାରୀ ଗୁପ୍ତ ରୂପରେ ମହାପ୍ରଭୁଙ୍କ ଲୀଳରେ ଅଟନ୍ତି | ମହାପ୍ରଭୁ ତାଙ୍କୁ କୁହନ୍ତି ଯେ ରାଧା-କୃଷ୍ଣଙ୍କର ଭଜନ କର | ସେ କଣ କହିଲେ? ମୁଁ ଶ୍ରୀରାମଙ୍କୁ ଛାଡି ଆଉ କାହାର ବି ସେବା କରିବାରେ ଅସମର୍ଥ | ମୁଁ ରାମଙ୍କ ଦାସ୍ୟରେ..*ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା*... ତାଙ୍କର ପ୍ରଜ୍ଞା, ତାଙ୍କର ବୁଦ୍ଧି ଦାସ୍ୟ ଭାବରେ ଅଚଳ ଆଉ ଅଟଳ ଅଟେ, କେହି ବି ହଲେଇ ପାରିବ ନାହିଁ | ତେବେ ଆମର ଅଦ୍ଵିତୀୟ ଭାବକୁ ଆମେ ହି ନିର୍ଧାରିତ କରିବା | ଆପଣ ଭକ୍ତି କରିବା ପାଇଁ ଆସିଛନ୍ତି...ଏତେ ଜନ୍ମାଷ୍ଟମୀ ମନଉଛନ୍ତି ...କେବେ ଭାବିଛନ୍ତି ଯେ କାହିଁକି ମନଉଛନ୍ତି ? ଆପଣ ଭଗବାନଙ୍କ ସାଙ୍ଗରେ ସମ୍ବନ୍ଧ ସ୍ଥାପିତ କରନ୍ତୁ ନହଲେ ତାଙ୍କ ନିକଟ ଯିବାରେ ସାର୍ଥକତା ନାହିଁ,

**ବହୁ ଜନ୍ମ ଯଦି କରେ ଶ୍ରବଣ-କୀର୍ତ୍ତନ |**
**ତବୁ ତ ନ ପାଏ କୃଷ୍ଣପଦେ ପ୍ରେମଧନ || (ଚୈତନ୍ୟ-ଚରିତାମୃତ ଆଦିଲୀଳା ୮.୧୬)**

କିମ୍ବା ବହୁ ଜନ୍ମେ କରେ ମଙ୍ଗଳା-ଆରତୀ, ଅଥବା ବହୁ ଜନ୍ମ ଧରି କରେ ଜନ୍ମାଷ୍ଟମୀ - *ତବୁ ତ ନ ପାଏ କୃଷ୍ଣପଦେ ପ୍ରେମଧନ* - କାହିଁକି ଭାବ ହି ପ୍ରତିଷ୍ଠିତ ନୁହେଁ !

ଏହି ମଞ୍ଜରୀଭାବ ସର୍ବଶ୍ରେଷ୍ଠ ଅଟେ | ଏହି ଭାବରୁ ନିକୁଞ୍ଜ-ପ୍ରବେଶ ମିଳି ଥାଏ | ଏହା ମଞ୍ଜରିଭାବର ଆଚାର୍ଯ୍ୟ କିଏ? ରୂପ-ରତି ଆଦି ମଞ୍ଜରୀବର୍ଗ | ଏହି ମଞ୍ଜରୀ ମାନଙ୍କ ଠାରୁ ଆମକୁ ରାଧା-କୃଷ୍ଣଙ୍କ ସେବା ଶିଖିବାର ଅଛି |

ସେବା କଣ ହୁଏ? 'ସେବା' କଣ ହୋଇ ଥାଏ? ସେଇ ପ୍ରକ୍ରିୟାକୁ ସେବା କୁହା ଯାଇ ଥାଏ ଯାହାରେ ନିଜ ସୁଖଦୁଃଖ ସାଙ୍ଗରେ କିଛି ବିସମ୍ପର୍କ ହୋଇ ନ ଥାଏ | କେବଳ ମୋର ସେବ୍ୟ ସୁଖୀ ରୁହନ୍ତୁ - ଏହି କଥାରେ ମୋର ଶତ-ପ୍ରତିଶତ ଧ୍ୟାନ କେନ୍ଦ୍ରିତ ରହିବା ଦରକାର | ସେଇ କଥାକୁ ସେବା କୁହା ଯାଏ | ଯଦି ଆପଣ ସେବା କରୁଛନ୍ତି ଆଉ ଆପଣଙ୍କ ଭିତରେ ଟିକିଏ ବି ସ୍ଵ-କେନ୍ଦ୍ରିତ କାମନା ଶେଷ ରହିଛି - ଯେ ମୋର ପରିବାର ଭାଳଭାବରେ ରହୁ , ଯେ ମୋର ସ୍ଵାସ୍ଥ୍ୟ ଭଲ ହୋଇ ଯାଏ,ଯେ ମୋତେ ଶ୍ରେଷ୍ଠ ସିଦ୍ଧିର ପ୍ରାପ୍ତି ହୁଏ - ତେବେ ଆପଣଙ୍କ ସେବା 'ସକାମ ସେବା' ଅଟେ | ସେବାର ତାତ୍ପର୍ଯ୍ୟ କେବଳ ସ୍ଵାମୀର ପ୍ରସନ୍ନତା ପାଇଁ କାର୍ଯ୍ୟ କରିବା!

କୁହନ୍ତୁ, ମଙ୍ଗଳାରେ ଭକ୍ତଗଣ କାହିଁକି ଯାଆନ୍ତି? ଆମେ ପଚାରିଲେ ଯେ କାହିଁକି ଯାଆନ୍ତି ଆଉ ସେ କହିଲେ ଯେ ତାଙ୍କୁ ଭଲ ଲାଗି ଥାଏ | ଏହାଥି ପାଇଁ ଆପଣ ମଙ୍ଗଳାକୁ ଯାଆନ୍ତି? ଲଜ୍ଜା ଆସୁନାହିଁ ଆପଣଙ୍କୁ? ସେବା ହୋଇଥାଏ ସ୍ଵାମୀଙ୍କର ପ୍ରସନ୍ନତା ନିମିତ୍ତ! ମୁଁ

ତ ଯୁଗଳ-ସରକାରଙ୍କ ସେବା ପାଇଁ ନିକୁଞ୍ଜକୁ ଗମନ କରୁଛି | ଆପଣ ତ ପୁର୍ବରୁ ହି ଭାବି ସାରିଲେଣି ଯେ ମୋର ପରିବାରର କଲ୍ୟାଣାର୍ଥ ଯାଉଛି...ସେବା କେମିତି କରିବେ? ସେବା ତ ଧଳା ଚଦର ଭଳିଆ ହୋଇ ଥାଏ - ନିଷ୍ପାପ, ନିଷ୍କଳଙ୍କ, ପରମଶୁଦ୍ଧ !

କଣ ଭକ୍ତି ଆଉ ଭଗବାନନଙ୍କ ମଧରେ କିଛି ଭେଦ ଅଛି? କୁହନ୍ତୁ? ନା, କିଛି ଭେଦ ନାହିଁ! କାହିଁକି ନାହିଁ? କାହିଁକି ନା ଭଗବାନ ପରମ ଶୁଦ୍ଧ ଅଟନ୍ତି ଆଉ ତାଙ୍କର ସେବା ବି ପରମ ଶୁଦ୍ଧ ହୋଇ ଥାଏ | ଯେବେ ବି ଆପଣ ସେବା  କରୁଛନ୍ତି ତେବେ ନିଜକୁ ସଚେତ କରନ୍ତୁ- କଣ ମୁଁ ବାସ୍ତବରେ ସେବା କରୁଛି? କଣ କେବେ ମୁଁ ମଙ୍ଗଳାରେ ସେବା କରିଛି? କଣ କେବେ ମୁଁ ଜନ୍ମାଷ୍ଟମୀରେ ଏମିତି ସେବା କରିଛି ଯାହା ପୁର୍ଣତଃ କାମନା-ରହିତ ଥିଲା? ଯଦି କାମନାର ଗନ୍ଧ ବି ଆସି ଯାଏ ତେବେ ଆପଣଙ୍କ ସେବାରେ କଳଙ୍କ ପଡି ଗଲା! ତାକୁ ସେବା କେମିତି କୁହା ଯାଇ ପାରେ?

ରାଧାକୃଷ୍ଣଙ୍କର ଯୁଗଳ ସେବା ତ ଅତି ଗୁଢ଼ତର ଅଟେ..ଏବେ ତ ମୁଁ ମାତ୍ର ନିଷ୍କାମ ସେବାର କଥା କହୁଥିଲି! ଆପଣ ମାନେ ମୋର ଶବ୍ଦ-ପ୍ରୟୋଗକୁ ଗ୍ରହଣ କରି ପାରୁଛନ୍ତି? ଏବେ ଯେଉଁ ସେବାର ଚର୍ଚ୍ଚା ହୋଇ ଥିଲା ସେ ନିକୁଞ୍ଜସେବାର କଥା ନୁହଁ...ମାତ୍ର ନିଷ୍କାମ ସେବାର କଥା ଥିଲା | କଥାକୁ ବୁଝନ୍ତୁ | ଯଦି ଆପଣ ସେବା କରୁଛନ୍ତି ଆଉ ସାଙ୍ଗରେ ନିଜ ସୁଖଦୁଃଖର ଚିନ୍ତା କରୁଛନ୍ତି ତେବେ ଆପଣ କଣ କରୁଛନ୍ତି? ମୁଁ  ହରିନାମ କରୁଛି, କାହିଁକି? ମୋତେ ଭଲ ଲାଗୁଛି ! ଯଦି ଆପଣଙ୍କୁ ଭଲ ନ ଲାଗି ଥାଆନ୍ତା ତ? ତାହାଲେ ଛାଡ଼ି ଦେଇ ଥାଆନ୍ତେ? ଏହା ହରିନାମର ବିଧି ନୁହେଁ | ଆମକୁ ହରିନାମ କରିବା ଦରକାର କାହିଙ୍କି ନା ରାଧା-କୃଷ୍ଣଙ୍କୁ ନିଜ ନାଁ ଶୁଣିବା ଆନନ୍ଦବର୍ଧକ ଲାଗି ଥାଏ! ଏହି କଥାରେ ଆମର ଧ୍ୟାନ କେନ୍ଦ୍ରିତ ହେବା ଦରକାର..ମୋର ଗୁରୁଦେବ ଦାସ ଗୋସେଇଁଙ୍କର ଟୀକାରେ ଆମକୁ ଏହି କଥା କୁହନ୍ତି | ଏହି କଥା ଆଡ଼କୁ ଧ୍ୟାନ ଯେ ରାଧା-କୃଷ୍ଣଙ୍କ ନାମେ ତାଙ୍କୁ ହର୍ଷିତ କରି ଥାଏ | ଆଉ ଆମର ଧ୍ୟାନ? ମୋର ଏମିତି ହୋଇ ଯାଏ, ସେମିତି ହୋଇ ଯାଏ...ମୁଁ, ମୋର ଆଉ କେବଳ ମୋ ପାଇଁ! ଏହା ହିଁ ତ ଅହଂକାର! ସେବା ମାନେ  ଆପଣ,ଆପଣ,ଆପଣ ଆଉ କେବଳ ଆପଣ! 'ମୁଁ' ଆସିଲେ କେବଳ ପାପ ରହି ଯାଏ! କୃଷ୍ଣ କେବଳ ଆପଣ! ଯଦି ଆପଣ 'ମୁଁ' ଗୋଟିଏ ମୁହୂର୍ତ୍ତ ପାଇଁ ବି ଆଣିଲେ ତ ସେ ସେବା ରହିଲା ନାହିଁ! ସେ ତ ବ୍ୟାପାର ହୋଇ ଗଲା ନା? ଦେଖ ଭାଇ! ତୁମ ମଙ୍ଗଳା-ଆରତୀ ଗୋଟିଏ ବର୍ଷରୁ କରୁଛି...ଏବେ ଟିକେ ମୋର ଏହି କାର୍ଯ୍ୟ କରି ଦିଅନ୍ତୁ ନା? ବ୍ୟାପାର କରିବା ପାଇଁ ଆସିଛନ୍ତି! ଭଗବାନଙ୍କ ସାଙ୍ଗରେ!

ଆଜି ଅଭିଷେକ ବେଳେ କିଏ ଉପସ୍ଥିତ ଥିଲା? ସେଇ ବର୍ମା,ଶର୍ମା,ଅଗ୍ରୱାଲ,ଗୁପ୍ତା | ପୁଣି ସେଇ ମାନେ ଅଭିଷେକର ଦର୍ଶନ କରିଲେ କିନ୍ତୁ ବାସ୍ତବରେ ଅଭିଷେକ କାହାର ଥିଲା? ଶ୍ୟାମସୁନ୍ଦରଙ୍କର | ଶ୍ୟାମସୁନ୍ଦରଙ୍କ ଅଭିଷେକ କିଏ ଦେଖି ପାରିବ? ବ୍ରଜବାସୀ | ତେବେ କଣ ଆମେ ବ୍ରଜଭାବରେ ଶ୍ରୀକୃଷ୍ଣଙ୍କ ଅଭିଷେକ କରିଲେ? ଯେ ନ ଦେଖିଲେ ସେ କିଛି ବି ଦେଖିଲେ ନାହିଁ! ପୁଣି ସେଇ ଟଣ୍ଡନ-ମଣ୍ଡନରେ ଲିପ୍ତ ହୋଇ ଗଲେ? ନା!

ଜନ୍ମାଷ୍ଟମୀରେ ଗୋଲୋକରେ  ଶ୍ରୀକୃଷ୍ଣଙ୍କର ଅଭିଷେକ ସଖାଳେ ହୋଇ ଥାଏ | ଯେବେ ଅଭିଷେକ ହୋଇ ଥାଏ ତେବେ କିଶୋରୀଜୁ ବି ସେଇଠି ଉପସ୍ଥିତ ଥାଆନ୍ତି | ଏହି ଅଭିଷେକରେ ଆମକୁ କଣ ଭାବିବାର ଅଛି? ଆମେ କେଉଁଠି? ମଙ୍ଗଳା ଆରତୀରେ ମୁଁ ଯମୁନାତଟବର୍ତ୍ତୀ ନିକୁଞ୍ଜରେ ହୁଏ | ଆଉ ଅଭିଷେକରେ? ଅଗ୍ରସେନ ଭବନରେ? ନା ବନ୍ଧୁମାନେ! ଅଗ୍ରସେନ ଭବନରେ ଅଭିଷେକ  କେମିତି ହେବ? ଶ୍ରୀକୃଷ୍ଣ କୁହନ୍ତି..

**ବୃନ୍ଦାବନ ପରିତ୍ୟଜ୍ୟ ପାଦ ଏକଂ ନ  ଗଛାମି  |**
**ପଶ୍ୟାମି ଯଦା ଯଦା ବ୍ରଜଭାବମ୍ ନ ବିସ୍ମରାମି || (ପ୍ରଭାତ ସଂଗୀତ)**

ଯଦି ଭଗବାନ ଶ୍ରୀକୃଷ୍ଣ ବୃନ୍ଦାବନ ଛାଡି କେବେ ଯାଆନ୍ତି ନାହିଁ ତ ଅଭିଷେକ କେଉଁଠି ହୋଉଛି? ନନ୍ଦଭବନରେ | ଆପଣ ନନ୍ଦଭବନରେ ଥିଲେ..ଆପଣଙ୍କୁ ଧ୍ୟାନ କରିବାକୁ ପଡିବ...କଳ୍ପନା ନୁହେଁ, ଧ୍ୟାନ | ଆପଣ ନନ୍ଦଭବନରେ ଥିଲେ, କାହିଁକି? ଆପଣ ସେଇଠି ଥିଲେ ହି କାହିଁକି?  ମୋତେ ଭଲ ଲାଗୁ ଥିଲେ, ଏହା ଲାଗି ମୁଁ ନନ୍ଦଭବନ ଚାଲିଗଲି, ଠିକ ନା? ଆପଣଙ୍କୁ ମଜା ଆସୁଥିଲା ଏହାଥିପାଇଁ ଯାଇଥିଲେ...ଏହାମିତି ହୁଏ ନା ମିସ୍ଟର, ଆପଣ ସେଇଥି ପାଇଁ ଥିଲେ କାହିଁକି ନା ଆପଣଙ୍କର ସ୍ୱାମିନୀଜୁ ,

କିଶୋରୀଜୁ ସେଇଠି ଥିଲେ..ଆଉ ତାଙ୍କର ସେବା ଆପଣଙ୍କର ପ୍ରାଣ ଅଟେ! 'ମୁଁ ରାଧାରାଣୀଙ୍କ ସାଙ୍ଗରେ ଛିଡା ହୋଇ ଶ୍ରୀକୃଷ୍ଣଙ୍କ ଅଭିଷେକ ଦେଖୁଛି' - ଏହି ଭାବନା ସହିତ ଆମକୁ ଅଭିଷେକ ଦେଖିବା ଆଉ କରିବାର ଅଛି |

ଆପଣ ଦେଖିଲେ ଯେ ମୁଁ ଅଭିଷେକ ପୁର୍ବରୁ କିଛି ସାଙ୍କେତିକ କଲି, କଣ ଥିଲା ସେ? ଗୋଲୋକରେ ସର୍ବପ୍ରଥମ ମହା-ଔଷଧିରୁ ଅଭିଷେକ ହୁଏ | ମୁଁ ତାର ସାଂକେତିକ କ୍ରିୟା କରିଲି | ଦେଖିବାରେ ସବୁ କିଛି ସେମିତି ପ୍ରତୀତ ହୁଏ, ସେଇ ଶଙ୍ଖ, ସେଇ ଜିନିଷ ସବୁ, କିନ୍ତୁ ଆପଣ କେଉଁଠି? You are where your…? You are where your heart is! ଆପଣ ସେଇଠି ଯେଉଁଠି ଆପଣଙ୍କର ହୃଦୟ ରହି ଥାଏ | ତେବେ ଆପଣ ଅଗ୍ରସେନ ଭବନରେ ନୁହନ୍ତି…ସିଧା ଗୋଲୋକରେ ଅଛନ୍ତି |

ଆଛା! ଏବେ ରାଧା-କୃଷ୍ଣଙ୍କ ଦର୍ଶନ କଣ ସବୁ ମଞ୍ଜରୀମାନେ ଗୋଟିଏ ଭାବରେ କରନ୍ତି? ଯେମିତି ସଖୀମାନଙ୍କ ଭିତରେ ଭେଦ ଥାଏ, ସଖୀମାନଙ୍କ ମଧ୍ୟେରେ ବି ଭିନ୍ନତା ଥାଏ, ସେମିତି ମଞ୍ଜରୀଗଣରେ ବି ସଭି ଅନନ୍ୟ ହୁଅନ୍ତି | ଏବେ ଆପଣଙ୍କୁ ତାଙ୍କର ଭେଦ କହିବି | କିଛି ମଞ୍ଜରୀମାନେ ମୃଦୁ ହୁଅନ୍ତି - ଅତି ମଧୁର ସ୍ୱଭାବ - ଧୀର ମଧୁରା, ଅତି ମଧୁର ହୁଅନ୍ତି, କାହାରି ଉପରେ ବି କ୍ରୋଧ କରନ୍ତି ନାହି, ସମସ୍ତଙ୍କ ସାଙ୍ଗରେ ମଧୁର ରୁହନ୍ତି, ରାଧା-କୃଷ୍ଣଙ୍କ ସାଙ୍ଗରେ ପ୍ରେମରେ ବାର୍ତ୍ତାଳାପ କରନ୍ତି | କିନ୍ତୁ ସବୁ ମଞ୍ଜରୀ ଏମିତିକା ହୁଅନ୍ତି ନାହିଁ | କିଛି ହୁଅନ୍ତି ପ୍ରଗଲ୍ଭା , କିଛି ହୁଅନ୍ତି ବାମା, କିଛି ହୁଅନ୍ତି ଧୀରା-ଅଧିରା..କେବେ ଗରମ, କେବେ ନରମ | କିଛି ହୁଅନ୍ତି କେବଳ ବାମା, କିଛି ଏକଦମ ପ୍ରଗଲ୍ଭା … ଏକଦମ କ୍ରୋଧ କରିବା ବାଲି!

ତେବେ ଗୁରୁଦେବ ଯେବେ ଆମକୁ ସିଦ୍ଧ-ପ୍ରଣାଳୀ ଦିଅନ୍ତି, ଦୀକ୍ଷା-ଉପରାନ୍ତ, ସେଥିରେ ଆମର ନିତ୍ୟ ଭାବ ବି କୁହନ୍ତି ଯେ ଆପଣଙ୍କର ଏହି ଭାବ ଆଉ ସ୍ୱଭାବ ଯାହା ଦ୍ୱାରା ଆପଣଙ୍କର ରାଧା-କୃଷ୍ଣଙ୍କ ସହିତ ସମ୍ବନ୍ଧ ଅଟେ | ଯେବେ ଆପଣ ମଙ୍ଗଳାରେ ରାଧା-କୃଷ୍ଣଙ୍କର ଦର୍ଶନ କରିବେ ତେବେ ଆପଣ ସେଇ ଭାବର ଆଉ ଗୁରୁ-ମଞ୍ଜରୀର ଆଶ୍ରୟ ନେଇ ଦର୍ଶନ କରିବେ | କିଶୋରୀଜୁଙ୍କ ସାଙ୍ଗରେ ଆପଣଙ୍କ କଣ ସମ୍ବନ୍ଧ ଅଟେ? ଶ୍ୟାମା-ଶ୍ୟାମଙ୍କର ଆପଣ କାହିଁକି ଦର୍ଶନ କରୁଛନ୍ତି? ସେହି ବେଳାରେ ଆପଣଙ୍କର କେଉଁ ସେବା ରହିଛି? ଦର୍ଶନ ପୁର୍ବରୁ ଆପଣଙ୍କର ସେବା କଣ ଥିଲା ଆଉ ଏହା ପରେ ଆଗାମି କେଉଁ ସେବା କରିବେ?

ଜନ୍ମାଷ୍ଟମୀ କେଉଁ ମେଳା ନୁହେଁ ଯେ କିଛି ହଂଗାମା-ନାଚ-ଗାନା ହୋଇ ଗଲା ଆଉ ସମାପ୍ତ | ଯେ ବିଧିପୁର୍ବକ ଜନ୍ମାଷ୍ଟମୀର ପାଳନ କରେ ତାଙ୍କର ଭାବନିଷ୍ଠା ଆଉରି ପ୍ରଗାଢ଼ ହେବ, କାହିଁକି ନା ସେ ନିକୁଞ୍ଜରେ ସାକ୍ଷାତ ରାଧା-କୃଷ୍ଣଙ୍କ ସାଙ୍ଗରେ ହେବ | ଏହା ଅଭିଷେକରେ ସେ ସ୍ୱୟଂ ନନ୍ଦଭବନରେ ଥାଏ |

ଆମେ ଆପଣଙ୍କୁ କହିଲୁ ଯେ ସେବା କଣ.. ଯେଉଁଥିରେ କାମନାର ଗନ୍ଧ ନ ଥାଏ | ମୁଁ ସେବା କାହିଁକି କରୁଛି? କାହିଁକି ନା ମୋତେ ଭଲ ଲାଗେ | କାହିଁକି କରୁଛନ୍ତି? ମୋତେ ଭାରି ଭଲ ଲାଗିଲା | ମୁଁ ବହୁତ ଥର ଭକ୍ତମାନଙ୍କୁ କହିବାର ଦେଖେ..ମୋତେ ବହୁତ ଆନଂଦ ଆସିଲା…ମାନି ନିଅନ୍ତୁ ଯେ ଆପଣଙ୍କୁ ଆନନ୍ଦ ନ ଆସିଲା ତେବେ ଆପଣ ସେବା କରିବା ଭୁଲି ଯିବେ? ଆପଣଙ୍କୁ କଣ କୁହା ଯିବ? ଆପଣଙ୍କୁ ତ ସଂଗ୍ରହାଳୟରେ ବସେଇବା ର ଅଛି!

ଆପଣ ନିକୁଞ୍ଜସେବା ପାଇବାକୁ ଚାହଁନ୍ତି…ଆଉ ନିଜ ସୁଖଦୁଃଖରେ ମଗ୍ନ ଅଛନ୍ତି | ମଞ୍ଜରୀମାନେ ତ କେବଳ କୃଷ୍ଣଙ୍କର ସୁଖରେ ବି ନିମଗ୍ନ ହୁଅନ୍ତି ନାହିଁ, ତେବେ ନିଜର ସୁଖଦୁଃଖର କଥା-ବାର୍ତ୍ତା ଭୁଲିଯାନ୍ତୁ! ରାଧାରାଣୀ ମଞ୍ଜରୀମାନଙ୍କ ସର୍ବସ୍ୱ | ସର୍ବସ୍ୱ!! ଆଉ କିଛି ବି ଦରକାର ନାହିଁ! ପିପାସୁ ବ୍ୟକ୍ତିକୁ କଣ ଦରକାର? ପାଣି! ସେମିତି ମଞ୍ଜରୀମାନଙ୍କୁ କଣ ଦରକାର? ଶ୍ରୀମତୀରାଧାରାଣୀ! ଆଉ ତାଙ୍କର ସେବା ବିନା ପ୍ରାଣ-ଶୀତଳ କରିବା ପାଇଁ ଆଉ କିଛି ଉପାୟ ତାଙ୍କୁ ଗୋଟିଏ ନିମିଷ ମାତ୍ର ପାଇଁ ବି ତାଙ୍କୁ ସୁଝେ ନା! ରାଧାରାଣୀଙ୍କ ସେବା ବିନା ତାଙ୍କର ପ୍ରାଣ ବିହ୍ୱଳ ହୋଇ ଯାଏ | *'ଅତେବ ଗୋପୀଭାବ'* ଏହି ଗୋପୀଭାବ, ଏହି ମଞ୍ଜରିଭାବ…ରାଧାରାଣୀଙ୍କର ଆଉ ତାଙ୍କର ସେବା ଅଭାବରେ ପୀଡା ହୋଇଥାଏ..ଏହା ନୁହେଁ ଯେ ମୁଁ ଘରେ ବେଶିକରି ଖୁସି କିମ୍ଭା ଭଜନ କରି ଖୁସି | ଯଦି ମୋର ଭଜନ ସାର୍ଥକ, ତାହାଲେ ପ୍ରତିମୁହୂର୍ତ୍ତ ରାଧିକାଙ୍କ ବିନା ମୋର ବ୍ୟାକୁଳତା ବର୍ଦ୍ଧମାନ ହେବ |

ଏବେ ଆପଣଙ୍କୁ କହିବା ଯେ ନିକୁଞ୍ଜର ସେବା ଭାବ କେମିତି ହୋଇ ଥାଏ...ସେ ତ ମୁଁ କେବଳ ସେବା ଭାବ ବଢେଇ ଥିଲି | ଭଗବାନଙ୍କ ଠାରୁ କେଉଁ ବି କାମନା ବା ଅପେକ୍ଷା ରଖିବା ଉଚିତ ନୁହେଁ... କେବେ ବି ନୁହେଁ....କିଛି କାମନା ନୁହେଁ...ଏଟା କହିବା ଠିକ୍? ଏହି କଥା ବି ଠିକ୍ ନୁହେଁ | କେବେ ବି ଈଶ୍ଵରଙ୍କ ଠାରୁ କିଛି ବି ଅପେକ୍ଷା ରଖିବାର ଭାବନା ବି ପାଳିବା ଦରକାର ନୁହେଁ! ଆମେ ବ୍ୟାପାର କରିବାକୁ ଆସିଛନ୍ତି କି? ପୁଣି ଧନ୍ଦା କରିବାର ଭାବୁଛ? ରସିକେନ୍ଦ୍ରମୌଳିଙ୍କ ସାଙ୍ଗରେ? ଆମର ଭାବନା ହେବା ଦରକାର ଯେ ଆପଣଙ୍କର ସୁଖ ମୋର ସବୁ କିଛି - ମୁଁ ସୁଖୀ, ଯାଏଆସେ ନାହିଁ, ମୁଁ ଦୁଃଖୀ, ଯାଏଆସେ ନାହିଁ! ଆପଣଙ୍କର ସେବା ପ୍ରାପ୍ତ ହେଉ ଆଉ ମୁଁ ସେବା କରେ | ଆପଣଙ୍କର ସୁଖ ମୋ ପାଇଁ ସବୁ କିଛି | ଆପଣ, ଆପଣ, ଆପଣ, ଆଉ କେବଳ ଆପଣ....ଭକ୍ତି କେଉଁ ହାସ୍ୟର ବିଷୟ ନୁହେଁ ଯାହା ଆମେ ଭାବିକରି ବସିଛନ୍ତି |

ଯୋଉମାନେ ଭାଗବନ୍ନାମ ନିଅନ୍ତି, ତ କାହିଁକି? କାହିଁକିନା ନେବାର ଅଛି? କାହିଁକି ନା ନାମୀକୁ ନିଜ ନାଁ ଶୁଣିବା ଭଲ ଲାଗେ | ରଘୁନାଥଦାସ ଗୋସେଇଁ ରାଧାକୁଣ୍ଡରେ ହରିନାମ କରୁଥିଲେ, ସହସା  ଯୁଗଳ-ସରକାର ତାଙ୍କ ସାମ୍ମୁଖ ପ୍ରକଟ ହୋଇକି କୁହନ୍ତି - "ତୁମେ କଣ ଭାବୁଛ, ଯେଉଁ ହରିନାମ ତୁମେ କରୁଛ, ମୋତେ ଶୁଣା ଯାଉନି? ମୁଁ ସବୁ ଶୁଣୁଥିଲି, କିନ୍ତୁ କେବଳ ତୁମରି ବ୍ୟାକୁଳତାକୁ ଉଦ୍ଵଳିତ କରିବା ପାଇଁ ତତ୍କାଳ ଦର୍ଶନ ଦେଉ ନ ଥିଲି | କିନ୍ତୁ ତୁମରି ଡାକ ନିଶ୍ଚୟ ଶୁଣୁଥିଲି |" ଯେଉଁ ହରିନାମ ଆପଣ ନିଅନ୍ତି ତାର ସ୍ଵର ସେ ଶୁଣି ଥାଆନ୍ତି | ଏହା ଲାଗି ଆମକୁ ନାଁ ନେବା ଦରକାର କାହିଁକି ନା ତାଙ୍କୁ ଏହା ଭଲ ଲାଗେ | ଏହା ନୁହେଁ ଯେ ମୋତେ ଭଲ ଲାଗୁଛି ତ ମୁ ଭଜନ କରୁଛି | ପୁଣି ଆପଣ ଦୃଶ୍ୟରେ ଆସିଗଲେ, ନିଜକୁ ହଟେଇ ପାରୁ ନାହାନ୍ତି କଣ? Just get out....,ଦୃଶ୍ୟରୁ ନିଜକୁ ଫୋପାଡ଼ି ଦିଅନ୍ତୁ | କେବଳ ସେ ରହି ଯାଆନ୍ତୁ ଆଉ ତାଙ୍କର ସେବାସୁଖ ରହି ଯାଏ! ଏହି ବାସ୍ତବିକ ସୁଖ ହୋଇଥାଏ, ଭଗବାନଙ୍କ ଭକ୍ତଂକୁ ସୁଖ କାହିଁକି ମିଳି ଥାଏ?

ଆପଣଙ୍କୁ ମଞ୍ଜରୀର ସୁଖ ବିଷୟରେ କହିବି, ଏହି ସବୁ ଧୀରେ-ଧୀରେ ବୁଝି ପାରିବେ | ରାଧା-କୃଷ୍ଣ ନିକୁଞ୍ଜରେ ପୁଷ୍ପ-କେଳି-ସଜ୍ଜା ଉପରେ ବିରାଜମାନ ଅଛନ୍ତି | ଆଉ ଆଜିର ଲୀଳା କଣ? ଶ୍ୟାମ ସ୍ଵାମିନୀଙ୍କର କେଶ-ଶୃଙ୍ଗାର କରୁଛନ୍ତି | ରସମୟ ରାସମୟୀଙ୍କର ଶୃଙ୍ଗାର କରୁଛନ୍ତି | ତ ସେ କେଶ-ସଂସ୍କାର କରିଲେ ଆଉ ସଖିବୃନ୍ଦ ଅର୍ଦ୍ଧ ବିକଶିତ ପୁଷ୍ପ ଆଉ ଭିନ୍ନ-ଭିନ୍ନ ପ୍ରକାରର ସଜେଇବାର  ବସ୍ତୁ ନେଇକି ଆସି ଗଲେ, ରାଧାରାଣୀଙ୍କ ପାଇଁ | ଶ୍ରୀକୃଷ୍ଣ ଶୃଙ୍ଗାର କରୁଛନ୍ତି...କିଏ? ସ୍ଵୟଂ ଶୃଙ୍ଗାରରସ ମହାଭାବ ସ୍ଵରୂପିଣୀ ରଖିକାଙ୍କର ଶୃଙ୍ଗାର କରୁଛନ୍ତି | ଏହା ଦେଖି ରାଧାରାଣୀ ଅତି ପ୍ରସନ୍ନ...ପରମ ପ୍ରସନ୍ନ..କାହିଁକି ନା ତାଙ୍କର ଅଦ୍ଭୁତ କଳା ଅଛି | ଯେମିତି ଆମେମାନେ କରନ୍ତି ତାଠାରୁ ଏକଦମ ଭିନ୍ନ! କୃଷ୍ଣଙ୍କର କେଶ-ସଂସ୍କାର ବିଧିରୁ ରାଧାରାଣୀ ଖୁସି ଆଉ ମୁଁ ମଞ୍ଜରୀ ଏହି ଦୃଶ୍ୟ ଦେଖି ଅତି ପ୍ରସନ୍ନ | ମୁଁ ମଞ୍ଜରୀ ସେବାର ସବୁ ସାମଗ୍ରୀ ନେଇକି ଆସିଲି | ରସମୟ ଶୃଙ୍ଗାର କରିଲେ, ରାସମୟୀର ଶୃଙ୍ଗାର ହୋଇଲା | ସେ ଦୁଇଜଣ ତୃପ୍ତ ହୋଇଲେ, ପରିତୃପ୍ତ ହୋଇଲେ ଆଉ ମୁଁ ଏହା ଦର୍ଶନ କରି ମୁଁ ପୂର୍ଣଭାବରେ ତୃପ୍ତ ହୋଇ ଗଲି | ଏହାକୁ ସେବା କୁହା ଯାଏ | ନିଷ୍କଳଙ୍କ, ନିଷ୍ପାପ,କାମନା ରହିତ, ଧଳା ଚଦର!

କେଶ-ସଂସ୍କାର ବେଳେ ରାଧାରାଣୀ ଅତି ପ୍ରସନ୍ନ ହୁଅନ୍ତି - ତାଙ୍କର କେତେ ସୁନ୍ଦର କେଶ-ସଂସ୍କାର ହୋଇଛି! ଏହା ସବୁ ନିକୁଞ୍ଜର ଘଟଣା ଆପଣଙ୍କୁ କହୁଛି | ସେ ଭାବନ୍ତି ଯେ କୃଷ୍ଣ ମୋ ପାଇଁ ଏତେ ସୁନ୍ଦର କେଶ-ସଂସ୍କାର କରିଛନ୍ତି, କାହିଁକି ନା ତାଙ୍କୁ କିଛି ଉପହାର ଦିଆ ଯାଏ? ତେବେ କିଶୋରୀଜୁ ଶ୍ରୀକୃଷ୍ଣଙ୍କୁ ଉପହାର ସ୍ଵରୂପ ଆଲିଙ୍ଗନ-ଚୁମ୍ବନ ଇତ୍ୟାଦି କରିଲେ...ଆଉ ଏହା ପରେ ଶ୍ରୀକୃଷ୍ଣଙ୍କୁ କଣ ହୋଇ ଗଲା? ସେ ଅପ୍ରାକୃତ ହୋଇ ଗଲେ | ମାନେ ତାଙ୍କ ଭିତରେ ଅଷ୍ଟସାତ୍ତ୍ଵିକଭାବର ପଦାର୍ପଣ ହୋଇଲା | ଯେମିତି ହି ବିକାର ଆସିଲା, ହାଥ-ଗୋଡ଼ରେ କମ୍ପନ ହେଲା...ଆଉ ଏହା ଲାଗି ସାରା ଶୃଙ୍ଗାର ଅସ୍ତ-ବ୍ୟସ୍ତ ହୋଇ ଗଲା |

ମୁଁ ଆପଣଙ୍କୁ ଏହା ସବୁ ଲୀଳା କାହିଁକି ସୁଣାଉଛି? କାହିଁକି ନା ଆପଣଙ୍କର ଏହା ଲୀଳାରେ ଅତି ମହତ୍ଵପୂର୍ଣ ଭୂମିକା ନିଭେଇବାର ଅଛି | ଆପଣଙ୍କୁ ସେବା କେମିତି କରିବାର ଅଛି, ଏହା ଜାଣନ୍ତୁ|

**ଅତେବ ଗୋପୀଭାବ କରି ଅଂଗୀକାର |**
**ରାତ୍ରିଦିନେ ଚିନ୍ତି କରି ରାଧା-କୃଷ୍ଣର ବିହାର || (ଚୈତନ୍ୟ-ଚରିତାମୃତ ମଧ୍ୟଲୀଳା ୮.୨୨୮)**

ଯଦି ବୁଝିବେ ନାହିଁ ତ ସେବା କେମିତି କରି ପାରିବେ? ଏବେ ଶୃଙ୍ଗାର ହେଲା ଆଉ ଉପହାର ପ୍ରାପ୍ତ ହୋଲା ଆଉ ସବୁ ଖରାବ ହୋଇ ଗଲା, ଆଉ କେଶ ପୁଣି ସେମିତିକା ହୋଇ ଗଲା | ଏବେ ରାଧାରାଣୀ କଣ କରୁଛନ୍ତି? ନୀଳପୁଷ୍ପ ନେଇ ଭର୍ତ୍ସନା କରୁଛନ୍ତି, ପ୍ରେମମୟୀ ଭର୍ତ୍ସନା | ଯେବେ ରାଧାରାଣୀ ଶ୍ରୀକୃଷ୍ଣଙ୍କର ଭର୍ତ୍ସନା କରନ୍ତି ତ ସେ ତାଙ୍କୁ ଭର୍ତ୍ସନା ଭଳିଆ ଲାଗେନା ଅପିତୁ...

**ପ୍ରିୟା ଯଦି ମାନକରି କରୟେ ଭର୍ତ୍ସନ |**
**ବେଦସ୍ତୁତି ହୋଇତେ ହରେ ସେଇ ମୋର ମନ || ( ଚୈତନ୍ୟ-ଚରିତାମୃତ ଆଦିଲୀଳା ୪.୨୬)**

ଯେବେ ପ୍ରିୟାଜୁ, ମୋର ରାଧିକାରାଣୀ ଶ୍ରୀକୃଷ୍ଣଙ୍କର ତାଡ଼ନ-ଭର୍ତ୍ସନ କରି ଥାଆନ୍ତି, ସେତେ ବେଳେ ତାଙ୍କୁ ବେଦସ୍ତୁତିଶ୍ରବଣ ଠାରୁ ବି କୋଟିଏ ଗୁଣା ଅଧିକ ଆନନ୍ଦ ମିଳି ଥାଏ | ଆନଂଦ କେମିତି ପ୍ରାପ୍ତ ହୋଏ? ରାଧାରାଣୀଙ୍କ ଭର୍ତ୍ସନା ଦ୍ଵାରା!

ଏବେ ରାଧିକା ବି କାହିଁକି ଭର୍ତ୍ସନା କରୁଛନ୍ତି? ନିଜ ପ୍ରସନ୍ନତା ପାଇଁ? ଯେ ଦେଖ ତୁମେ ଭୁଲ କରିଛ ଆଉ ଏବେ ତମକୁ ମୋର ରୋଷ ସହିବାକୁ ପଡିବ? ନା! ସେ ତାଡ଼ନ ବି ଶ୍ରୀକୃଷ୍ଣଙ୍କର ପ୍ରସନ୍ନତା ପାଇଁ କରୁଛନ୍ତି | ଦେଖନ୍ତୁ, କେତେ ବିଶୁଦ୍ଧ ସେବାଭାବ! ସ୍ଵାର୍ଥର ଗନ୍ଧ ଦୂର ପର୍ଯନ୍ତ ନାହିଁ! ଯାହାଙ୍କର ପଦ୍ମପାଦର ଧୂଳି ପାଇବା ପାଇଁ ବ୍ରହ୍ମା-ଶିବ ତପସ୍ୟା କରୁଛନ୍ତି, ସେ ରାଧାରାଣୀଙ୍କର କେଶ-ସଂସ୍କାର କାହିଁକି କରୁଛନ୍ତି? ତାକି ରାଧିକା ପ୍ରସନ୍ନ ହୋଇବେ! ଆଉ ରାଧାରାଣୀ କାହିଁକି ତାଡ଼ନ କରୁଛନ୍ତି? ଶ୍ରୀକୃଷ୍ଣଙ୍କର ଉଲ୍ଲାସ ପାଇଁ! ଏବେ ଦେଖନ୍ତୁ ମଞ୍ଜରୀମାନଙ୍କ ଗୂଢ଼-ସେବା! ମଞ୍ଜରୀଗଣ ଛିଡା ହୋଇ କଣ କରୁଛନ୍ତି? ମୁହଁରେ ହାଥ ରଖି ମନ୍ଦ-ମନ୍ଦ ହସୁଛନ୍ତି - ଗୂଢ଼ ହସି, ତାତ୍ପର୍ଯ୍ୟମୟ ହସି! ଯେମିତି ହସିକରି କିଛି କହିବାକୁ ଚାହାନ୍ତି | ହସିକରି ଇଶାରାରେ ସେ କହିବାକୁ ଚାହାନ୍ତି ଯେ 'ଆପଣ କଣ ଖରାବ କରି ଦେଲେ?!' ନିଜ ପାଇଁ ମଞ୍ଜରୀମାନେ ହସନ୍ତି ବି ନାହିଁ | ଏବେ ଦେଖନ୍ତୁ, କେତେ ବିଶୁଦ୍ଧ ଜଗତ ଏହି, ପ୍ରେମ ଜଗତ! ଶ୍ରୀକୃଷ୍ଣ ରାଧାରାଣୀଙ୍କ ପ୍ରସନ୍ନତା ପାଇଁ କାର୍ଯ୍ୟରତ, ରାଧିକା କୃଷ୍ଣଙ୍କର ଆନନ୍ଦ ପାଇଁ ବ୍ୟାକୁଳ ଆଉ ମଞ୍ଜରୀ ଯୁଗଳଙ୍କର ଉଲ୍ଲାସକୁ ନିଜ ଜୀବନ ଲକ୍ଷ୍ୟ ମାନି ସାରିଲେଣି! ଆଚାର୍ଯ୍ୟଗଣଙ୍କଠାରୁ ଆମକୁ ଏହି କଥା ଶିଖିବାର ଅଛି | ଗ୍ରଂଥରେ ଏହା ସବୁ  ବର୍ଣିତ | ଜୀବନ୍ତ ଆଚାର୍ଯ୍ୟଗଣ  ଆଉ ଗ୍ରଂଥ ମାଧମରୁ ଆମକୁ ଏହି କଥା ଶିଖିବାର ଅଛି | ଏହି ପ୍ରକାରରେ ସେବା କରି ଆମକୁ ନିଜ ଭାବରେ ପ୍ରତିଷ୍ଠିତ ହୋଇ ଭଗବାନଙ୍କର ସେବା କରିବାର ଅଛି | ସମ୍ବନ୍ଧ ଦ୍ଵାରା ଆମକୁ ପ୍ରେମର ଧାରା, ଆନନ୍ଦର ଧାରା ପ୍ରାପ୍ତ ହେବ | ପ୍ରେମ ବିନା ଆନନ୍ଦ ପ୍ରାପ୍ତ କରିବା ଅସମ୍ଭବ | ଯେବେ ପର୍ଯନ୍ତ ଭଗବାନନଙ୍କ ସାଙ୍ଗରେ ପ୍ରେମ ସମ୍ବନ୍ଧ ଯୋଡି ନାହିଁ ତେବେ ପର୍ଯନ୍ତ ଆନନ୍ଦ ପ୍ରାପ୍ତ ହୋଇ ପାରିବ ନାହିଁ | ସର୍ବଦା ଦୁଖୀ ହିଁ ରହିବେ, ଯେତେ ବି ତପସ୍ୟା-ପୂଜା-ବ୍ରତ-ଦାନ-ଯଜ୍ଞ କରି ନିଅନ୍ତୁ |

ମଞ୍ଜରିଭାବ ମାନେ ପୂର୍ଣରୂପରେ ନିଜକୁ ଦୃଶ୍ୟରୁ ବାହାର କରି ଦେବା!

ଯେବେ ରାଧାରାଣୀ ଭଗବାନ ଶ୍ରୀକୃଷ୍ଣଙ୍କ ପାଇଁ ମାଲ୍ୟ-ଗୁମ୍ଫନ କରନ୍ତି, ତେବେ ଏଥିରେ କଣ-କଣ ମିଶ୍ରିତ ଅଛି? ଆପଣ କହିବେ ଯେ ମୁଁ ମାଳା ବନେଇ ଶ୍ରୀକୃଷ୍ଣକୁ ପିନ୍ଧେଇ ଦେଲି | ବାସ୍ ହୋଇ ଗଲା! କିଏ ବନେଇ ଥିଲା? ସେଇ ବର୍ମା, ଶର୍ମା? ପୁଣି ଆସିଗଲେ? ଭଗବାନ କଣ କରିବେ ସେ ମାଳାର? ବର୍ମାର ହସ୍ତଗନ୍ଧ ଦରକାର ତାଙ୍କୁ, ନା ଅଗ୍ରୱାଲ ର? କୁହନ୍ତୁ? ଦେଖନ୍ତୁ, ସଖୀଲେ ଯେବେ ରାଧାରାଣୀ ନିଜ ହାଥରେ ମାଲ୍ୟ-ଗୁମ୍ଫନ କରନ୍ତି, ତାଙ୍କର ହାଥର ବାସ୍ନା ସେଇ ମାଳାରେ ଆସି ଯାଏ | ଆମକୁ ଲୀଳାରେ ଭାବିବାର ଅଛି ଯେ ରାଧାରାଣୀ ଆମକୁ ମାଳା ଦେଇ କୁହନ୍ତି- "ଯା! ଶ୍ୟାମସୁନ୍ଦରଙ୍କୁ ବନରେ ଏ ମାଳା ଦେଇ ଆ |" ଯେମିତି ହି ଶ୍ରୀକୃଷ୍ଣ ମାଳା ଧାରଣ କରନ୍ତି, କଣ ହୁଏ? ଭଗବାନ ଶ୍ରୀକୃଷ୍ଣ ପୁଲକିତ ହୋଇ ପଡନ୍ତି, ତାଙ୍କର ରୋମ-ରୋମ ଉଠି ଯାଏ ଆଉ ଆନନ୍ଦରୁ ଆତ୍ମ୍-ହାରା, ବିହ୍ଵଳ ହୋଇ ପଡନ୍ତି! କାହା ଦ୍ଵାରା? ରାଧାରାଣୀଙ୍କ ହସ୍ତକମଳରୁ ସ୍ପର୍ଶିତ ଗନ୍ଧ ଦ୍ଵାରା | ଯେବେ ବି ଆମେ ଶ୍ରୀକୃଷ୍ଣଙ୍କୁ ମାଳା ପିନ୍ଧେଇବା, ରାଧାରାଣୀଙ୍କ ହାଥକୁ ସ୍ପର୍ଶ କରି ପିନ୍ଧେଇବା | ଏବେ ଦେଖନ୍ତୁ ଶ୍ରୀକୃଷ୍ଣଙ୍କର କଣ ଅବସ୍ଥା ହେଉଛି! ଏହା ହି ଶ୍ରୀକୃଷ୍ଣଙ୍କର ବାସ୍ତବିକ ସେବା ଅଟେ |

ରାଧାରାଣୀଙ୍କ ଆଉ ଗୋଟିଏ ନାଁ – 'ଗଂଧୋନମାଦିତମାଧିତା' | ମାନେ - ରାଧାରାଣୀଙ୍କ ଗନ୍ଧରୁ ଶ୍ରୀକୃଷ୍ଣ ନିଜକୁ ଏକଦମ ଭୁଲି ଯାଆନ୍ତି, ମାଦିତ ହୋଇ ପଡନ୍ତି! ପାଗଳପନ ଆସି ଯାଏ | କାହିଁକି? କେଉଁ-କେଉଁ ଭାବରେ ସେବା ହୋଉଛି ଶ୍ରୀକୃଷ୍ଣଙ୍କର? ମାଦନଭାବ ଦ୍ୱାରା | ମାଦନ ମାନେ - ପାଗଳ ହୋଇ ଯିବା - ଯାହା ଶ୍ରୀକୃଷ୍ଣଙ୍କୁ ସର୍ବଥା ପାଗଳ କରି ଦିଏ...which completely maddens Krsna...ବୁଝି ପାରୁଛନ୍ତି ତ? ମାଦନଭାବ କଣ? Which bewitches Krsna entirely...ଯାହା ଶ୍ରୀକୃଷ୍ଣଙ୍କୁ ପୂର୍ଣରୂପେଣ ବଶୀଭୁତ କରି ନିଏ! ଏହି ମାଦନଭାବ ଅଟେ |

ଦେଖନ୍ତୁ! ବହୁତ ଭକ୍ତ ଶ୍ରୀକୃଷ୍ଣଙ୍କର ଦର୍ଶନ ପାଇବାକୁ ଉତ୍ସୁକ | ଭକ୍ତିର ସୋପାନ ଏହି ପ୍ରକାରର ହୁଏ - ପ୍ରେମ ଭକ୍ତି, ପୁଣି ସ୍ନେହ ଭକ୍ତି, ପୁଣି ମାନ ଭକ୍ତି, ପୁଣି ପ୍ରଣୟ ଭକ୍ତି, ପୁଣି ରାଗ ଭକ୍ତି, ପୁଣି ଅନୁରାଗ ଭକ୍ତି. ପୁଣି ଭାବଭକ୍ତି, ପୁଣି ମହାଭାବ ଭକ୍ତି ଆଉ ତା ପରେ ମାଦନ ଭକ୍ତି! ଭଗବାନଙ୍କର ଦାସ ପ୍ରେମଭକ୍ତି ପର୍ଯନ୍ତ ଯାଇ ପାରିବେ | ରାଗଭକ୍ତି ପର୍ଯନ୍ତ ସଖାମାନେ ଯାଇ ପାରିବେ | ଅନୁରାଗ ପର୍ଯନ୍ତ ବାତ୍ସଲ୍ୟଭାବର ଭକ୍ତ ଯାଇ ପାରିବେ | ଆହାର ଉପର ଭାବ ଏବଂ ମହାଭାବ ଭକ୍ତି ହୋଇ ଥାଏ | ଯଦି ସାଧାରଣ ଜୀବ ସଠିକରୂପରେ ସାଧନା କରେ, ତେବେ ସେ ମହାଭାବକୁ ପ୍ରାପ୍ତ କରି ପାରିବ, ଯାହା ନନ୍ଦ-ଯଶୋଦାଙ୍କୁ ବି ଦୁରୁହ! ଆଉଏହାର ଉପର ସର୍ବଶ୍ରେଷ୍ଠ ମାଦନଭାବ ହୋଇ ଥାଏ | ଯେମିତି ସ୍ନେହଭକ୍ତିର ଉପରେ ମାନଭକ୍ତି ଆଉ ପୁଣି ପ୍ରଣୟଭକ୍ତି, ସେଇ ପରି, ଦାସ୍ୟଭାବର ଉପରେ  ସଖ୍ୟଭାବ, ଆଉ ତା ଉପରେ? ମାଧୁର୍ଯ୍ୟ ଭାବ | ମାଧୁର୍ଯ୍ୟଭାବରେ ବି ଭିନ୍ନ-ଭିନ୍ନ ଖଣ୍ଡ ହୋଇ ଥାଏ - ସଖିଭାବ ଏବଂ ମଞ୍ଜରିଭାବ |

ସର୍ବଶ୍ରେଷ୍ଠଭାବ କଣ? ମଞ୍ଜରିଭାବ! ଏହି ଭାବ ଗୌରାଙ୍ଗ ମହାପ୍ରଭୁ ଆମକୁ ଦେବା ପାଇଁ ଆସିଥିଲେ | ମାଦନରସର ପାନ କରେଇବା ପାଇଁ ଆସିଥିଲେ | ଯେଉଁ ଆନନ୍ଦର ଆସ୍ୱାଦନ କେବଳ ରାଧାରାଣୀ କରି ଥାଆନ୍ତି, ସେଇ ଆସ୍ୱାଦନ ଗୋଟିଏ ବଦ୍ଧଜୀବକୁ ଗୌରାଙ୍ଗ ମହାପ୍ରଭୁଙ୍କ କୃପା ଦ୍ୱାରା ପ୍ରାପ୍ତ ହୋଇ ପାରିବ! କଣ କରିବାର ଅଛି? ସମ୍ପୂର୍ଣ ନିଷ୍କାମ ଭାବନା ଦ୍ୱାରା ରାଧା-କୃଷ୍ଣଙ୍କର ରାତ୍ରିଦିନ ସେବା, ସ୍ୱୟଂକୁ ଭୁଲି ଯାଇ! ସେବାର ଅର୍ଥ ହି ଏଇଆ ଯେ ସ୍ୱୟଂର ବିସ୍ମରଣ ହୋଇ ଯାଏ | 'ମୁଁ' ର ଅସ୍ତିତ୍ୱ ମିଟି ଯାଉ...'ମୁଁ' ହି ତ ସବୁଠୁଁ ବଡ଼ ଝାମେଲା! କାଢ଼ି ନିୟନ୍ତୁ 'ମୁଁ' କୁ!

ଏହି ବଦ୍ଧ ଜୀବନରେ ସଂସାରୀ ଲୋକ କାହିଁକି ପଡିଛନ୍ତି? ଈଶ୍ୱରଙ୍କ ଇଛାରେ? ତେବେ ମୁକ୍ତ କେମିତି ହେବେ? ଈଶ୍ୱରଙ୍କ ଇଛାରେ! କେମିତି ହେବେ? ନିଷ୍କାମସେବାମାର୍ଗ ଦ୍ୱାରା | ରାଧାରାଣୀ-ଶ୍ରୀକୃଷ୍ଣଙ୍କ ସେବା ଯେବେ ପ୍ରାପ୍ତ ହେବ ତ ଦେଖା ଯିବ ...ଏହାଠି ଗୁରୁ-ବୈଷ୍ଣବଙ୍କ ନିନ୍ଦା-ରହିତ ପ୍ରେମପୂର୍ବକ ସେବା-ବ୍ୟବହାର ରଖନ୍ତୁ ଯାହା ଦ୍ୱାରା ନିଷ୍କାମ-ସେବା ଆପଣଙ୍କର ହୃଦୟକୁ ଶନେଇ-ଶନେଇ ସଂକ୍ରମଣ କରି ନେବ | ଏବେ ତ ଆମେ ଏତେ ସକାମ ଅଛନ୍ତି ଯେ ସବୁ କଥାରେ ନିଜ କଥା ହି ଭାବନ୍ତି - ମୋର ଛୁଆ, ମୋର ପରିବାର | ମୋତେ ପରିବାରକୁ ଛାଡି ସୁଖର ଅର୍ଥ ଜଣା ନାହିଁ | ଜଣା ଅଛି କି? ପରିବାରର ଚିନ୍ତନ ଆନନ୍ଦ ହୁଏ ନା! 'ମୁଁ' କୁ ପୂର୍ଣଭାବରେ ଭୁଲିବାକୁ ପଡିବ! ଆପଣ ଶୁଣିଥିବେ...

**<u>ଅନନ୍ୟାଶଚିନ୍ତୟନ୍ତୋ ମାଂ</u> ୟେ ଜନା ପରିଉପାସତେ |**
**ତେଶାମ୍ ନିତ୍ୟାଭିଯୁକ୍ତାନାଁ ଯୋଗକ୍ଷେମ ବହାମି ଅହଂ || (ଗୀତା ୯.୨୨)**

କେତେ ଥର ଶୁଣି ସାରି ଲେଣି ଏହି ଶ୍ଲୋକ? ଅନନ୍ତ ଥର! *'ଅନନ୍ୟାଶଚିନ୍ତୟନ୍ତୋ ମାଂ'*, ଯେ ମୋର ଅନନ୍ୟ ଭାବରେ ଚିନ୍ତନ କରେ, ଭକ୍ତି କରେ...ଅନନ୍ୟଭାବରେ କାହାକୁ କୁହନ୍ତି? ପ୍ରଥମତଃ ଅନନ୍ୟ ମାନେ - ଆଉ କେହି ଅନ୍ୟ ନୁହେ - ମୋର ଛୁଆ ନୁହେଁ, କେହି ବି ନୁହେଁ, କେବଳ ଆପଣ! ଅନନ୍ୟଭାବରେ ଆପଣଙ୍କ ପ୍ରସନ୍ନତା ପାଇଁ ସେବା କରିବାକୁ ହି ଅନନ୍ୟ ଭକ୍ତି | କେବଳ ଆପଣଙ୍କର ପ୍ରସନ୍ନତା ହି ମୋର ସର୍ବସ୍ୱ, କେବଳ ଆପଣଙ୍କର ପ୍ରସନ୍ନତା!

ଏବେ ରାଧା-କୃଷ୍ଣଙ୍କୁ ଚାମରସେବା କରା ଯାଏ...ଆପଣ ବି କେବେ-କେବେ ରାଧା-ରାସବିହାରୀଙ୍କୁ ଚାମର ଡୋଳାନ୍ତି ନା? ଚାମରସେବା କେମିତି କରନ୍ତି ଜାଣନ୍ତି? ଶ୍ରୀକୃଷ୍ଣଙ୍କୁ କେମିତି ଆନନ୍ଦ ମିଳିବ ଜାଣନ୍ତି? ଚାମରସେବା ଏମିତି କରନ୍ତି ଯେ ରାଧାରାଣୀଙ୍କ ଗନ୍ଧ ଶ୍ରୀକୃଷ୍ଣଙ୍କର ନାସିକାରେ ପ୍ରବେଶ କରି ଯାଉ, ଆହା! ଶ୍ରୀକୃଷ୍ଣଙ୍କୁ ଗନ୍ଧ ପାଇ ଆନନ୍ଦିତ ହୁଅନ୍ତି, ଆଉ ଏହା

ଦର୍ଶନ କରି ମୁଁ ବହୁତ ସୁଖ ପାଇ ଥାଏ | ଏମିତି ଚାମରସେବା କରା ଯାଏ | ଏମିତି ନୁହେଁ ଯେ କେମିତି ବି ଚାମର ଡୋଳାଇ ଦେଲ! ଟଣ୍ଡନ,ରବି,ଗ୍ରୋବେର...ଆପଣ କିଏ? କପୂର ଚାମର କରିଲେ, ଆଉ କୁହନ୍ତୁ! କପୂରଙ୍କ ଚାମରସେବା କାହାକୁ ଦରକାର ନାହିଁ | ଏହା ଅଗ୍ରୱାଲ କୁ ଏଠାରୁ ବିଦା କରନ୍ତୁ! ବୁଝିଲେ?

ସେବ୍ୟର ସୁଖରେ, ତାଙ୍କର ପ୍ରସନ୍ନତାରେ ନିଜର ପ୍ରସନ୍ନତା ହେବାକୁ ହି ଭକ୍ତିର ସଂଜ୍ଞା ଦିଆ ଯାଏ | ଆପଣଙ୍କର ସେବ୍ୟ ଗୁରୁଦେବ ଅଟନ୍ତି, ରାଧା-କୃଷ୍ଣ ଆଉ ଗୌରାଙ୍ଗ ମହାପ୍ରଭୁ ଅଟନ୍ତି | ତାଙ୍କର ପ୍ରସନ୍ନତାରେ ମୋର ଶତ-ପ୍ରତିଶତ ସୁଖ ନିର୍ଧାରିତ ରହିଛି | ଏଠି ତ ଭକ୍ତ-ସାଧକ ନିଜ ସୁଖଦୁଃଖକୁ ନେଇ ମରି ଯାଆନ୍ତି | ହା ମୋର ସୁଖ...ହା ମୋର ପୀଡା..ହା ମୁଁ ଏହା କରି ପାରିଲିନି | ମୁଁ , ମୁଁ ଆଉ ବାସ୍ ମୁଁ |

ରାଧା-କୃଷ୍ଣଙ୍କର ପ୍ରାପ୍ତି କରିବାକୁ ଚାହଁନ୍ତି? ରାଣ ଖାଇଛନ୍ତି କି ଯେ ଏହା ତ ମୋର ଦ୍ଵିତୀୟ-ଅନ୍ତିମ ଜନ୍ମ ଅଟେ? ଯେ ଏହା ମୋର ଅନ୍ତିମ ଜନ୍ମ ହେବାକୁ ଦେବି ନାହିଁ? ଆପଣଂକର ପ୍ରସନ୍ନତା - ଏହି ଭାବର ଆବଶ୍ୟକତା ମାତ୍ର |

ତେବେ ଆମେ କେଉଁ ଶ୍ଳୋକରେ ଥିଲେ? '*ଅନନ୍ୟାଶଚିନ୍ତୟନ୍ତୋ ମାଂ*, ଯେ ଅନନ୍ୟ ଭାବ ସହିତ ଭଗବାନଙ୍କର ସେବା କରେ | ଅନନ୍ୟତା ମାନେ ତାଙ୍କୁ ଛାଡି ଆଉ କିଏ ବି ନୁହେଁ | ମଙ୍ଗଳା ଆରତୀ କରନ୍ତୁ କିମ୍ଵା ହରିନାମ-ଜପ...ଯାହାବି କରନ୍ତୁ, କେବଳ ତାଙ୍କର ପ୍ରସନ୍ନତା ପାଇଁ କରନ୍ତୁ | ଏହାକୁ ଅନନ୍ୟତା କୁହନ୍ତି | କେଉଁଥିରେ ଅନନ୍ୟତା? ନିଷ୍କାମଭାବରେ ସେବାରତ ହେବରେ ଅନନ୍ୟତା |

**ଅନନ୍ୟାଶଚିଂତୟନ୍ତୋ ମାଂ ୟେ ଜନା ପରିଉପାସତେ |**
**ତେଶାମ୍ ନିତ୍ୟାଭିଯୁକ୍ତାନାଁ ଯୋଗକ୍ଷେମ ବହାମି ଅହଂ ||**

ଏହା ଏହି ଭାବରେ ନିତ୍ୟ-ଅଭିଯୁକ୍ତ ରହି ଥାଏ | ଏହି ଶ୍ଳୋକର ବାସ୍ତବିକ ଭାବାର୍ଥ ଜାଣନ୍ତି? ଏହାର ଅର୍ଥ- ନିତ୍ୟାଭିୟୁକ୍ତତା, ଅଭିଯୁକ୍ତ, ମାନସ | ମାନସ ସେବା ଦ୍ଵାରା ଅଭିଯୁକ୍ତ...ରାଧା-କୃଷ୍ଣଙ୍କର ସେବାରେ ଯେଉଁ ବ୍ୟକ୍ତି ଅଭିଯୁକ୍ତ ହୋଇ ଥାଏ, ଯୋଡି ହୋଇ ଥାଏ, ତାର ଯୋଗକ୍ଷେମ ଭଗବାନ ସ୍ଵୟଂ ବହନ କରନ୍ତି | ଯୋଗକ୍ଷେମ କଣ? ଯାହା ଆପଣଙ୍କର ପାଖେର ଅଛି ତାର ରକ୍ଷା ଆଉ ଯାହା ନାହିଁ ତାର ଦାନ | କାହା ସାଙ୍ଗରେ କରନ୍ତି? ଯେ ନିତ୍ୟ ରାଧା-କୃଷ୍ଣଙ୍କର ସେବା କରେ ଆଉ ତାଙ୍କ ସୁଖରେ ନିଜ ସୁଖକୁ ଦେଖେ...ତାର ଯୋଗକ୍ଷେମ ଭଗବାନ କରନ୍ତି - ଯାହା ଅଛି ତାର ରକ୍ଷା ଆଉ ଯାହା ନାହିଁ ତାର ଭରଣ କରିବା |

ସେବାରେ ନିଜ ସୁଖ ନ ରହିବା ଦରକାର | କିଛି କାର୍ଯ୍ୟ ନିଜ ବାସ୍ନା ପାଇଁ ନ ହେଉ, ଆଉ କିଛି କାର୍ଯ୍ୟ ନ କରିବାର ଅଛି ତାକୁ ବି ନିଜ ସୁଖ ପାଇଁ କରନ୍ତୁ ନାହିଁ | ଏବେ ଆପଣ ଅର୍ଜୁନଙ୍କୁ ଦେଖନ୍ତୁ | ଭଗବାନ କଣ କହିଲେ ତାଙ୍କୁ? କୋଟିଏ ଲୋକଙ୍କର ହତ୍ୟା କରି ଦିଅ...ଏହା କହିଥିଲେ ନା? ସେ କରି ଦେଲେ | ପୁର୍ବରୁ କଣ କହୁଥିଲେ ? "ମୁଁ ଲଢ଼ିବିନି! ମୁଁ ଯୁଦ୍ଧ କରିବି ନାହିଁ! ମୋତେ ଦୁଃଖ ହେବ! ମୋର ଏହା ହୋଇ ଯିବ, ତାହା  ହୋଇ ଯିବ ..'ସେ ବାଳକଙ୍କ କଥା |' ଭଗବାନ କହିଲେ - ନିଜ ସୁଖଦୁଃଖକୁ ଭୁଲି ଯା, ଆଉ କଣ ସ୍ମରଣ ରଖ? ତ କୋଟିଏ ଲୋକଙ୍କର ହତ୍ୟା କରି ଦେଲେ, ଠିକ ଅଛି? ସେଇ ପ୍ରକାରରେ...ଲୀଳା ଭିତରେ...|

ଏହା ହେଲା ଜଗତରେ ରହିକି ସେବା କରିବାର ବିଦ୍ଧି, କେଉଁ ଭାବରେ ସାଧକକୁ ଭାବିବା ଦରକାର ? "ଆପଣ ସୁଖୀ ଅଛନ୍ତି ନା ଗୁରୁଦେବ? ହେ ଗୁରୁଦେବ, ଆପଣ ପ୍ରସନ୍ନ ଅଛନ୍ତି ନା? ବାସ୍, ମୁଁ ସବୁ ବାଧା ପାରି କରିବାକୁ ପ୍ରସ୍ତୁତ!" ଯେବେ ପର୍ଯନ୍ତ ଏହା ନ ହେବ ତେବେ ପର୍ଯନ୍ତ ଗୁରୁ-ଗୌରାଙ୍ଗଙ୍କର କୃପା ପାତ୍ର ଆପଣ ହୋଇ ପାରିବେ ନାହିଁ | ଶସ୍ତା ସୌଦା ନୁହେଁ, "**ଗୁରୁ କୃପା ଏବ କେବଲଂ ଶିଷ୍ୟସ୍ୟ ପରମ୍ ମଙ୍ଗଳମ୍**", ଗୁରୁ କୃପା ହି ଏକମାତ୍ର ଉପାୟ ଯାହା ଦ୍ଵାରା ଆମକୁ ପ୍ରେମ-ଭକ୍ତି ମିଳି ପାରିବ |

ଯେବେ ଅଭିଷେକ ହୁଏ ତେବେ ପ୍ରାୟ ଆମେ କଣ ଭାବନ୍ତି? ଯେ ଲଡ୍ଡୁ-ଗୋପାଳଙ୍କର ଅଭିଷେକ ହେଉଛି | କିନ୍ତୁ ଯେବେ ଆମେ ଅଭିଷେକ କରନ୍ତି ତେବେ କାହାର କରନ୍ତି? ସାକ୍ଷାତ ଅପ୍ରାକୃତ କାମଦେବ, ପ୍ରେମମୟ, ରସମୟ, ଆନନ୍ଦମୟ, ଅଖିଳରସାମୃତସିନ୍ଧୁ ଶ୍ରୀଶ୍ୟାମସୁନ୍ଦରଙ୍କର ଅଭିଷେକ କରନ୍ତି | ଠିକ ଅଛି?!

**ହରେ କୃଷ୍ଣ |**

